## ଛତୁଚାଷ ଦେଇଛି ପରିଚୟ

# ତିନି ହଜାର ନିବେଶରେ ୩୦ ହଜାର ଆୟ

**ବଲାଙ୍ଗିର, ୨।୧(ସମିସ)**

ଛତୁଚାଷ କରିଛି ଚାଷୀଙ୍କୁ ସ୍ୱାବଲମ୍ବୀ। ମାତ୍ର ତିନି ହଜାର ଟଙ୍କା ନିବେଶ କରି ମାସକରେ ୩୦ ହଜାର ଟଙ୍କାର ଆୟ କରି ଉଦାହରଣ ସୃଷ୍ଟି କରିଛନ୍ତି ବଲାଙ୍ଗିର ଜିଲ୍ଲା ଉପାନ୍ତ ଖପ୍ରାଖୋଲ ବ୍ଲକ ବିର୍ତିଆ ଗାଁର ଚାଷୀ ପ୍ରଦୀପ ଗଲ। ଛତୁଚାଷ ସହ ସେ ଧାନ, ପରିବା ଚାଷ କରୁଥିଲେ ମଧ୍ୟ ଛତୁଚାଷ ଭଳି ଲାଭ ମିଳୁ ନଥିବା କହନ୍ତି ଚାଷୀ ପ୍ରଦୀପ । ଜିଲ୍ଲାରେ ଛତୁଚାଷୀ ସଂଖ୍ୟା ପ୍ରତିମାସ ବଢୁଥିବା ବେଳେ ସେମାନଙ୍କ ଆୟ ମଧ୍ୟ ବୃଦ୍ଧି ପାଉଛି। ଚତୁଚାଷରେ ଜିଲ୍ଲାର ପ୍ରଦର୍ଶନ ମଧ୍ୟ ପ୍ରଶଂସନୀୟ ରହିଛି। ଛତୁଚାଷକୁ ପ୍ରୋତ୍ସାହନ ଯୋଗାଇବାରେ ଆମ ଜଙ୍ଗଲ ଯୋଜନା ମଧ୍ୟ ବେଶ୍ ଆଗରେ ରହିଛି।





ବଲାଙ୍ଗିର ଜିଲ୍ଲାର ଅନ୍ୟତମ ଦାଦନ ପ୍ରବଣ ବ୍ଲକ ହେଉଛି ଖପ୍ରାଖୋଲ ବ୍ଲକ। ଏହି ବ୍ଲକର ହରିଶଙ୍କର ଏଫଏମୟୁ ଅଧୀନରେ ଥିବା ବିର୍ତିଆ ବନସୁରକ୍ଷା ସମିତିର ଚାଷୀ ହେଉଛନ୍ତି ପ୍ରଦୀପ। ଧାନ ପରିବା ଚାଷ କରୁଥିବା ପ୍ରଦୀପଙ୍କୁ ଏବେ ଛତୁ ଚାଷ ଦେଇଛି ସ୍ୱତନ୍ତ୍ର ପରିଚୟ। ଅନ୍ୟ ଚାଷ ଅପେକ୍ଷା ଛତୁଚାଷରେ ବେଶୀ ଲାଭ ମିଳୁ ନଥିବା ଅନଲାଇନରୁ ଜାଣିବାକୁ ପାଇଥିଲେ ପ୍ରଦୀପ। ଏହି ଚାଷ କରିବା ପାଇଁ ଆବଶ୍ୟକ ତାଲିମ ମଧ୍ୟ ଗ୍ରହଣ କରିଥିଲେ। ଆମ ଜଙ୍ଗଲ ଯୋଜନା ପକ୍ଷରୁ ମଧ୍ୟ ଛତୁଚାଷ ବିଷୟରେ ତାଲିମ ନେଇଥିଲେ। ପରେ ନିଜ ଜାଗାରେ ଏକ ଛୋଟ ଛତୁଫାର୍ମ ଆରମ୍ଭ କରିଥିଲେ। ନିଜ ଜମିରୁ ବାହାରୁଥିବା ନଡାରେ ଛତୁବେଡ ତିଆରି କରିଥିଲେ। ଏହା ପରେ ଭୁବନେଶ୍ୱରରୁ ଛତୁ ମଞ୍ଜି ଆଣିଥିଲେ। ମଞ୍ଜି ଆଣିବା ପରେ ଛତୁ ପାଇଁ ଶଯ୍ୟା ତିଆରି କରି ଫାର୍ମରେ ରଖିଥିଲେ। କିଛି ଦିନ ପରେ ଏଥିରୁ ଛତୁ ଫୁଟିବା ଆରମ୍ଭ ହୋଇଥିଲା। ପ୍ରଦୀପଙ୍କ କହିବାନୁସାରେ, ପ୍ରତିଦିନ ୧୫-୨୦ କେଜି ଛତୁ ଫୁଟୁଛି। ବଜାରରେ କିଲୋ ପ୍ରତି ୧୬୦ ଟଙ୍କାରେ ବିକ୍ରି କରୁଛନ୍ତି। ମାତ୍ର ଗୋଟିଏ ମାସ ଭିତରେ ୩ହଜାର ଟଙ୍କା ନିବେଶ କରି ପ୍ରାୟ ୩୦ ହଜାର ଟଙ୍କା ରୋଜଗାର କରିସାରିଥିବା ପ୍ରଦୀପ କହିଛନ୍ତି। ଆଗକୁ ଛୋଟ ଫାର୍ମକୁ ଏକ ବଡ଼ ଫାର୍ମ କରିବା ସହ ବେଡ ସଂଖ୍ୟା ମଧ୍ୟ ବଢ଼ାଇବେ ବୋଲି କହିଛନ୍ତି। ତେବେ ଛତୁଚାଷ ପାଇଁ ତାଙ୍କୁ କୌଣସି ପ୍ରକାର ଆର୍ଥିକ ସହାୟତା ମିଳି ନଥିବା ବେଳେ ଯଦି ଏନେଇ ସହାୟତା ମିଳିଲେ ସେ ଛତୁଚାଷକୁ ଆହୁରି ଆଗକୁ ବଢ଼ାଇବେ ବୋଲି କହିଛନ୍ତି।

# ବନ ବିଭାଗର ଚଢ଼ଉ; ୧୩ କେନ୍ଦୁଗଣ୍ଠି ଜବତ

**ବଲାଙ୍ଗିର, ୨।୧(ସମିସ):** ସଇଁନ୍ତଲା ଫରେଷ୍ଟ ରେଞ୍ଜ ଅଧୀନସ୍ଥ ଛାନଛଡା ନିକଟରେ ବନ ବିଭାଗ ଚଢଉ କରି ୧୩ଟି ବଡ କେନ୍ଦୁ ଗଣ୍ଠି ଜବତ କରିଛି। କେନ୍ଦୁ ଗଣ୍ଠି ଚାଲାଣ ହେଉଥିବା ନେଇ ବନ ବିଭାଗ ପାଖରେ ଅଭିଯୋଗ ହୋଇଥିଲା। ଏହି ଚାଲାଣ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ସଂଘମିତ୍ରା ଭୋଇଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଗଠନ କରି ସୋମବାର ଭୋରରୁ ଛାନଛଡା ନିକଟସ୍ଥ ସୁର୍ଡା-ନାଗଫେଣା ରାସ୍ତାରେ ଚଢଉ କରିଥିଲା। କେନ୍ଦୁଗଣ୍ଠି ଚାଲାଣ ଅଭିଯୋଗରେ ଗାଡିକୁ ଅଟକାଇ ଛାନଭିନ କରିଥିବା ବେଳେ ୧୩ଟି ବଡ ବଡ ଗଣ୍ଠି ଜବତ ହୋଇଥିଲା। ଏହି ଚଢଉରେ ଫରେଷ୍ଟର ଧ୍ରୁବଚରଣ ବଗର୍ତ୍ତି, ଜୟକୃଷ୍ଣ ଭୋଇ, ଧର୍ମେନ୍ଦ୍ର ରାୟ, ଫରେଷ୍ଟ ଗାର୍ଡ ଗଣେଶ ସାହୁ, ରମେଶ ଧରୁଆ ସହ ସଇଁନ୍ତଲା, ମୁରିବାହାଲ ଓ ପାଟଣାଗଡ଼ ପାରା କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ।



# ଅଶ୍ଳୀଳ ଭିଡିଓ ଭାଇରାଲ୍ ଘଟଣା: ଯୁବକ କୋର୍ଟ ଚାଲାଣ

**ଖପ୍ରାଖୋଲ, ୨।୧(ସମିସ):** ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ଖପ୍ରାଖୋଲ ପୁଲିସ ଜଣକୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲା ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ନାହୁପଲା ପଞ୍ଚାୟତର ତୁର୍ଲା ଗାଁର ଭରତ ମେହେର (୧୯)। ଅଭିଯୁକ୍ତ ଯୁବକ ନାବାଳିକାକୁ ଭିଡିଓ କଲ୍ କରି ଅଶ୍ଳୀଳ ଭିଡିଓ ରେକର୍ଡ କରିବା ସହ ତାକୁ ସୋସିଆଲ ମିଡିଆରେ ଭାଇରାଲ୍ କରିଦେଇଥିଲା। ଏନେଇ ନାବାଳିକା ପରିବାର ତରଫରୁ ଖପ୍ରାଖୋଲ ଥାନାରେ ଅଭିଯୋଗ କଲା ପରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ଯୁବକ ମୃତ

**ବଲାଙ୍ଗିର, ୨।୧(ସମିସ):** ବଲାଙ୍ଗିର-ସମ୍ବଲପୁର ଜାତୀୟ ରାଜପଥସ୍ଥିତ ବୁର୍ଡା ଗାଁ ନିକଟରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଲୋଇସିଂହା ଥାନା ଭାଲିଆମୁଣ୍ଡା ଗ୍ରାମର ବିନୋଦ ବାରିକ(୪୮)। ବିନୋଦ ଯୋଗ ପ୍ରଶିକ୍ଷକ ଭାବରେ କାମ କରନ୍ତି। ମଙ୍ଗଳବାର ସକାଳେ ସେ ଯୋଗ ଶିଖାଇବାକୁ ଲୋଇସିଂହା ଅଭିମୁଖେ ଆସୁଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ ଘୋଷଣା କରାଯାଇଛି।

# ଗୁଡ଼ଭେଲା ଅଞ୍ଚଳରେ ବୁଲୁଛନ୍ତି ନକଲି ଡାକ୍ତର

**ତୁଷୁରା, ୨।୧ (ସମିସ):** ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକରେ ବଢ଼ିବାକୁ ଲାଗିଛି ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ। ଏହି ବ୍ଲକରେ ଅଧିକାଂଶ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରିଥାନ୍ତି। କେତେକ ସ୍ଥାନରେ ଗୋଟିଏ ଗୋଟିଏ ଔଷଧ ଦୋକାନ ଖୋଲି ନିଜେ ଡାକ୍ତର ହୋଇ ଚିକିତ୍ସା କରୁଥିବା ଅଭିଯୋଗ ହୋଇଛି। ଦୀର୍ଘ ବର୍ଷରୁ ନକଲି ଡାକ୍ତରମାନେ ନିଜେ ଡାକ୍ତର ସାଜି ଚିକିତ୍ସା କରୁଥିଲେ ମଧ୍ୟ ବଲାଙ୍ଗିର ପ୍ରସାଶନ କିଛି ବି ପଦକ୍ଷେପ ନେଉ ନଥିବାରୁ ଗୁଡଭେଲା ବ୍ଲକରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

# ଅଶ୍ୱିନୀ ନାୟକ ସ୍ମାରକୀ କ୍ରିକେଟ୍ ଉଦ୍‌ଯାପିତ

**ଟିଟିଲାଗଡ଼, ୨।୧(ସମିସ):** ମଙ୍ଗଳବାର କୁରସୁଡସ୍ଥିତ ମହୁଲଭଟା ଖେଳ ପଡିଆରେ ଅଶ୍ୱିନୀ ନାଏକ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ତାରିଖରୁ ଚାଲିଥିବା ପ୍ରତିଯୋଗିତାର ଫାଇନାଲ ପରାସରା ଓ ଦିଗସିରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପରାସରା ଚାମ୍ପିଅନ ହୋଇ ୧୮୦୦୦ ଟଙ୍କା ସହ ଟ୍ରଫି ହାସଲ କରିଛନ୍ତି। ଦିଗସିରା ରନର୍ସଅପ୍ ହୋଇ ୧୦୦୦୦ ଟଙ୍କା ସହ ଟ୍ରଫି ହାସଲ କରିଛନ୍ତି। ମ୍ୟାନ୍ ଅଫ ଦି ସିରିଜ୍ ଦିଗସିରା ଦଳ ରାଜେଶ ପୁଟେଲ, ମ୍ୟାନ୍ ଅଫ ଦି ମ୍ୟାଚ ପରାସରା ଦଳ ଯୁଗଳ ସିଂହ ବିବେଚିତ ହୋଇଥିବା ବେଳେ ଅମ୍ପାୟାର କାହ୍ନା ଜୈନ ଓ ଟୁନୁ ସାହୁ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ପ୍ରତିନିଧି ନିମାଇଁ ଚରଣ ବେହେରା, କୃଷକ ସାଥୀ ବିଶ୍ୱଜିତ ନାଏକ, ରମେଶ ଥପା, ପାର୍ଥବ ମହାନନ୍ଦଙ୍କ ସହ ଆୟୋଜକ କ୍ଲବ୍‌ର ସଭାପତି ନରେଶ ଜାଲ୍, ସମ୍ପାଦକ ଗଣେଶ ସାହୁ, ଉପସଭାପତି କାହ୍ନା ଜୈନ, ସହସମ୍ପାଦକ ଟୁନୁ ସାହୁ, କୋଷାଧ୍ୟକ୍ଷ ନିହାର ରଞ୍ଜନ ବେହେରା ଉପସ୍ଥିତ ଥିଲେ। କମିଟିର ରିଙ୍କୁ ବାଗ, ରଜନୀ ସାହୁ, ଅଶୋକ ସାହୁ, ଦୁର୍ବାଦଳ ଶବର, ଜିତୁ ଭୋଇ, ଭବସାଗର ସାହୁ, ରାଜୁ ବିଭାର ଓ ତରୁଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।







# ଗାଁର ସେନା ଯବାନଙ୍କୁ ଜନ୍ମମାଟିରେ ସ୍ୱାଗତ

ଖପ୍ରାଖୋଲ, ୨।୧(ସମିସ): ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଓଡ଼ିଆପାଲି ପଞ୍ଚାୟତର ଭାଲୁଡୁଙ୍ଗୁରି ଗାଁର ଏକମାତ୍ର ସେନାବାହିନୀ ଯବାନ ଦୁଇଦିନ ତଳେ ଅବସର ଗ୍ରହଣ କଲା ପରେ ନିଜ ଜନ୍ମମାଟିକୁ ଫେରିଛନ୍ତି। ଅବସରପ୍ରାପ୍ତ ସେନା ଯବାନ ସୁରେନ୍ଦ୍ର ସାହୁ (୩୬) ମଙ୍ଗଳବାର ଟ୍ରେନ ଯୋଗେ ହରିଶଙ୍କର ରୋଡ୍‌ରେ ସକାଳେ ପହଞ୍ଚିଲା ପରେ ତାଙ୍କ ସାଙ୍ଗ ତଥା ପରିବାର ବର୍ଗ ମୋଟର ସାଇକଲ ଶୋଭାଯାତ୍ରାରେ ଖପ୍ରାଖୋଲ ପାଛୋଟି ଆଣିଥିଲେ। ଖପ୍ରାଖୋଲର ଇଷ୍ଟଦେବୀ ଦୂମେର ତଳେନଙ୍କଠାରେ ପୂଜା ପାରେ ଖୋଲା ଜିପ୍ ରେ ନିଜ ଗାଁ ଭାଲୁଡୁଙ୍ଗୁରିକୁ ପାଛୋଟି ନେଇଥିବା ବେଳେ ଗାଁରେ ପ୍ରତି ଘରେ ସ୍ୱାଗତ କରିଥିଲେ। ୧୮ ବର୍ଷ ଦେଶ ସୁରକ୍ଷାରେ ଜମ୍ମୁ କଶ୍ମୀର, ପଞ୍ଜାବ ପ୍ରମୁଖ ସ୍ଥାନରେ କାମ କରି ଫେରିଥିବା ଜଣାଯାଇଛି। ତାଙ୍କ ମାତା ପ୍ରେମଶୀଳା ସାହୁ, ପିତା ପୁରନ୍ଦର ସାହୁ, ବନ୍ଧୁ ବର୍ଗ ମହଲରେ ଖୁସିର ଲହରୀ ଖେଳିଯାଇଛି।





ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ବିଧାୟିକା ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ରାଜ କନୱର ପାର୍କରେ ଅନୁଷ୍ଠିତ ହୋଇଯାଇଛି।

# ମୁରିବାହାଲ ବ୍ଲକ୍‌ସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବ

**ମୁରିବାହାଲ, ୨।୧(ସମିସ)**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ତଥା ମଥୁରା ନଗରୀରେ ଚାଲିଥିବା ପଞ୍ଚମ ବାର୍ଷିକ ବିରାଟ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସରେ ମହାରାଜ କଂସଙ୍କ ଦରବାରରେ ରଙ୍ଗସଭା ଓ ଗୋପପୁରରେ ପୁତନା ବଧ ମଞ୍ଚସ୍ଥ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ବିଜେଡି ନେତା ଅଜୟ ଦାସ ମୁଖ୍ୟଅତିଥି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଜିତ ଯୋଶୀ, ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ପ୍ରଦୀପ ପୁଟେଲ, ବ୍ଲକ ଫେଡେରେସନ ସଭାନେତ୍ରୀ ସାବିତ୍ରୀ ମହାନନ୍ଦ, ବ୍ୟବସାୟୀ ହୀରାଲାଲ ଜୈନ, ଅବସରପ୍ରାପ୍ତ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଜେଲ କର୍ମଚାରୀ ଲାବଣ୍ୟ କୁଅଁର, ବ୍ୟବସାୟୀ ରଘୁନାଥ ବେହେରା, ଯୁବ ସାମ୍ବାଦିକ ତରଣୀସେନ ମେହେର, ବ୍ୟବସାୟୀ ଅନୀଲ ଶର୍ମା, ଭବାନୀଶଙ୍କର ଶର୍ମା ପ୍ରମୁଖ କଂସ ଦରବାରରେ ରାଜଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ରୁକୁ ସୁନା, ବିଶିଷ୍ଟ ୟୁଟ୍ୟୁବର ତଥା ସିନେ ଅଭିନେତା ଦମ୍ପତି ରୋସନ ଭରଦ୍ୱାଜ ଓ ମୁନିଆଁ ପାଣିଗ୍ରାହୀଙ୍କୁ କମିଟି ପକ୍ଷରୁ ସ୍ୱତନ୍ତ୍ର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁରିବାହାଲ ରାମଲୀଳା କମିଟିର ରାମରତନ ମେହେରଙ୍କ ସହ ଅନ୍ୟ ସମସ୍ତ କଳାକାରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଲିଲୁମୋହନ ପଧାନ, ଗିରିଧାରୀ ସାହୁ, ସୁଜିତ ରଞ୍ଜନ ପାଢ଼ୀ ମାନପତ୍ର ପଠନ କରିଥିଲେ। ମୁରିବାହାଲ ଧନୁଯାତ୍ରା ମହୋତ୍ସବ କମିଟିର ନିରଞ୍ଜନ ସାହୁ, ମହେନ୍ଦ୍ର ବାଗ, ରାମକୃଷ୍ଣ ଆଢ଼ ଯୁଆଡ, ଅଭୟ ଦାସ, ବିଶ୍ୱବିହାରୀ ଯୋଶୀ, ସୁଦାମ ସାହୁ, ସାଧାରଣ ସମ୍ପାଦକ ତରୁଣ ପୋଢ଼, ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ଶ୍ୟାମସୁନ୍ଦର ଝାଙ୍କର, ଦିବ୍ୟସୁନ୍ଦର ସାହୁ,ସଂପାଦକ ଭରତ ଦାସ, ପ୍ରେମାନନ୍ଦ ମାଝୀ, ସୁଜିତ ରଞ୍ଜନ ପାଢ଼ୀ, ଅଭିଳାଷ ବଘାର, କୋଷାଧ୍ୟକ୍ଷ ରମାରଞ୍ଜନ ପାତ୍ର, ପଦ୍ମଲୋଚନ ସାହୁ, ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ଆବାହକ ରମେଶ ନାଗ, ଖଗେଶ୍ୱର ସାହୁ, ବୈରାଷ୍ଟ୍ର ପୋଢ଼, ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ, ବାବୁଲାଲ କେତକୀ, ଯାଞ୍ଚ ଅଧିକାରୀ ଅନୀଲ ଶର୍ମା, ଉପଦେଷ୍ଟା ଚିନ୍ତାମଣି ମହାରଣା, ମଧୁସୁଦନ ନାଗ, କୁନ୍ତ ପୋଢ଼, ବାବୁଲି ରାଉତଙ୍କ ସହ ଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତା, ମୁରିବାହାଲ ଓ ବନବାହାଲର ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।




# କଣ୍ଟାବାଞ୍ଜି ଗସ୍ତରେ ବିଜେଡି ସାଙ୍ଗଠନିକ ସମ୍ପାଦକ

**ବଲାଙ୍ଗିର,୨।୧(ସମିସ):** ମଙ୍ଗଳବାର ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଗସ୍ତରେ ଆସିଥିଲେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ସେ ଅପରାହ୍ନରେ ସ୍ଥାନୀୟ ରୋଡ ନଂ ୩ରେ ଥିବା ହରିଭବନଠାରେ ପହଞ୍ଚିଥିଲେ। ପରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ତୁରେକେଲା ବ୍ଲକ, ମୁରିବାହାଲ ବ୍ଲକ, ବଙ୍ଗୋମୁଣ୍ଡ ବ୍ଲକ, କଣ୍ଟାବାଞ୍ଜି ଏନ୍‌ଏସିର ବରିଷ୍ଠ, ଯୁବ ଓ ମହିଳାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ନିର୍ବାଚନରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କ ବିଜୟ ନେଇ ବୈଠକରେ ରଣକୌଶଳ ଆଲୋଚନା ହେବା ସହ ସେ ଦିଗରେ ନିରନ୍ତର କାର୍ଯ୍ୟ ଜାରି ରଖିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ବୈଠକରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଆୟୁବ ଖାନ, ବରିଷ୍ଠ ବିଜେଡି ନେତା ଅଜୟ ଦାସ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ ଯୋଶୀ, ବିଜେଡି କଣ୍ଟାବାଞ୍ଜି ପର୍ଯ୍ୟବେକ୍ଷକ ରାଜୁ ଗିଡେଲା, ବିଜେଡି ନେତା ମୌସମ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାନ, ରାଜେନ୍ଦ୍ର ବେହେରା, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପ ସଭାନେତ୍ରୀ ଗୋପା ମହାନନ୍ଦ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝୀ, ଜିଲ୍ଲା ପରିଷଦ ନିରୁପମା ମାଝୀଙ୍କ ସତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।








## ■ ସୋନପୁର ବ୍ଲକ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ହାଇୱା ଧକ୍କାରେ ବାପପୁଅଙ୍କ ମୃତ୍ୟୁ

**ସୋନପୁର, ୨।୧ (ସମିସ) :** ମଙ୍ଗଳବାର ସନ୍ଧ୍ୟାରେ ସୋନପୁର ବ୍ଲକ ଛକରେ ଘଟିଥିବା ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଏକ ସ୍କୁଟିକୁ ଏକ ହାଇୱା ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବାପ ପୁଅଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଦେଉଳପଦର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରାଜକୁମାର ମହାକୁଡ(୫୦) ଏବଂ ତାଙ୍କ ପୁଅ ଓମ୍ (୧୬)। ଦୁର୍ଘଟଣା ପରେ ହାଇୱାରେ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ କର୍ମଚାରୀ ମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



ସ୍କୁଟିକୁ ଏକ କିଲୋମିଟର ଘୋଷାଡ଼ି ନେଲା ହାଇୱା

ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା

ସୋନପୁରର ମହାନଦୀ ବ୍ରିଜ ପଟରୁ ଓଡି ୩୧ ଏଲ୍ ୩୧୮୦ ନମ୍ବର ବିଶିଷ୍ଟ ଏକ ହାଇୱା ଆସୁଥିଲା। ଏହି ସମୟରେ ସୋନପୁର ସହର ପଟୁ କିଛି ଜିନିଷ ପତ୍ର କିଣାକିଣି କରି ଏକ ସ୍କୁଟିରେ ରାଜକୁମାର ପୁଅ ସହ ଆସୁଥିଲେ। ତେବେ ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବାନୁସାରେ ହଳଦିଆ ଲାଇଟ୍ ଜଳି ସାରିବା ପରେ ମଧ ଦ୍ରୁତ ଗତିରେ ହାଇୱାଟି ପଟାଭାଡି ପଟକୁ ମାଡି ଚାଲିଥିଲା। ସୋନପୁରର ବ୍ୟସ୍ତବ୍ୟହୁଳ ବ୍ଲକ ଛକରେ ଏତେ ଜୋରରେ ସ୍କୁଟିକୁ ଏହି ଗାଡିଟି ଧକ୍କା ଦେଇଥିଲା ଯେ, ବାପ- ପୁଅ ଛିଟିକି ପଡ଼ି ଗାଡି ଚକ ତଳେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ବାପ-ପୁଅଙ୍କ ମୃତ୍ୟୁ ହୋଇ ଯାଇଥିଲା। ସ୍କୁଟିକୁ ହାଇୱା ଘୋଷାଡି ନେଇ ପ୍ରାୟ ୧ କିଲୋମିଟର ଦୂର ଜିଲ୍ଲାପାଳ ଅଫିସ୍ ଯାଏଁ ପଳାଇ ଥିଲା। ସ୍କୁଟିଟି ରାସ୍ତାରେ ଘଷି ହୋଇ ହାଇୱାରେ ନିଆଁ ଲାଗି ଯାଇଥିଲା। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣା ପରେ ହାଇୱା ଡ୍ରାଇଭର ଫେରାର ହୋଇ ଯାଇଥିବା ଜଣା ପଡ଼ିଛି। ଦୁର୍ଘଟଣାପରେ ବହୁ ସମୟ ପର୍ଯ୍ୟନ୍ତ ବ୍ଲକ ଛକରେ ମୃତଦେହ ରଖି ରାସ୍ତା ରୋକ କରାଯାଇ ଥିଲା। ଛକ ନିକଟରେ ଶହ ଶହ ଗାଡି ମଟର ଅଟକି ରହିଥିଲା। ଏଡିଏମ୍ ସୂର୍ଯ୍ୟନାରାୟଣ ଦାଶ ଏବଂ ଏସ୍‌ପି ଅମରେଶ ପଣ୍ଡା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ମୃତକଙ୍କ ପରିବାର ବର୍ଗଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୩ ଲକ୍ଷ ଟଙ୍କା ଏବଂ ଜିଲ୍ଲା ପ୍ରଶାସନ ଏକ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଓମ ଯୁକ୍ତ ଦୁଇରେ ପଢୁଥିଲେ। ସେ ଜଣେ ମେଧାବୀ ଛାତ୍ର ହୋଇଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସହପାଠୀ ମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ରାଜକୁମାରଙ୍କ ପତ୍ନୀ ମଧୁସ୍ମିତା କମ୍ପ ଜିଲ୍ଲା ଡାକ୍ତରଖାନାରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ଥିବାରୁ ବ୍ଲକ ଛକ ନିକଟସ୍ଥ ସରକାରୀ କ୍ୱାର୍ଟର୍ସରେ ରହୁଥିଲେ।

# ଟ୍ୟାଙ୍କର-ବାଇକ୍ ଧକ୍କା, ଜଣେ ଗୁରୁତର

**ଜହ୍ନାପଙ୍କ, ୨।୧(ସମିସ):** ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ ଟା ସମୟରେ ଜାତୀୟ ରାଜପଥ ନମ୍ବର ୫୭ ର ବୌଦ୍ଧ ଥାନା ଜନ୍‌ହାପଙ୍କ ଗାଁ ମୁଣ୍ଡ ନିକଟରେ ଏକ ଟ୍ୟାଙ୍କର ଓ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ବାଉଁଶୁଣୀ ଥାନା ସାହାଜପାଲ୍ ଗ୍ରାମର ସ୍ୱାଗତ ମିଶ୍ର ବୌଦ୍ଧରୁ ନିଜ ଘରକୁ ବାଇକ ଯୋଗେ ଫେରୁଥିବା ବେଳେ ସାମ୍ନା ପଟରୁ ଆସୁଥିବା ଏକ ଟ୍ୟାଙ୍କର ସହ ଜନ୍‌ହାପଙ୍କ ନିକଟରେ ମୁହଁକୁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ଶ୍ରୀ ମିଶ୍ର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଜନ୍‌ହାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ନେଇଥିଲେ ଓ ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ନିଆ ଯାଇଥିବା ସୂଚନା ମିଳିଛି। ଜହ୍ନାପଙ୍କ ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।



# ସଡ଼କ ସୁରକ୍ଷା ରଥକୁ ଶୁଭାରମ୍ଭ କଲା ଜିଲ୍ଲା ପ୍ରଶାସନ

**ନୂଆପଡ଼ା, ୨।୧(ସମିସ):** ନୂଆପଡ଼ା ଜିଲ୍ଲାରେ ନୂଆ ବର୍ଷରେ ଦୁର୍ଘଟଣା ପ୍ରବଣତାକୁ ରୋକ ଲଗାଇବାକୁ ଜିଲ୍ଲା ପରିବହନ ବିଭାଗ ଅଣ୍ଟା ଭିଡିଛି। ଏହିକ୍ରମରେ ସପ୍ତାହବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି। ସୋମବାର ଦିନ ନୂଆବର୍ଷର ପ୍ରଥମ ଦିନରେ ପିକନିକ ସ୍ପଟ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବାବେଳେ ମଙ୍ଗଳବାର ଦିନ ସଚେତନତା ରଥ ବାହାରିଛି। ଏହାକୁ ସକାଳେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଜିଲ୍ଲା ପରିବହନ ଅଧିକାରୀ ମାନା ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ମୁଖ୍ୟଅତିଥି, ଏଏସପି ଇନ୍ଦ୍ରମଣୀ ବେହେରା ବିଶେଷ ଅତିଥିଭାବେ ଯୋଗ ଦେଇଥିଲେ। ପତାକା ଦେଖାଇ ସଚେତନତା ରଥକୁ ଆରମ୍ଭ କରିଥିଲେ। ଏହି ରଥ ବିଭିନ୍ନ ସଚେତନତା ଧର୍ମୀ ବାର୍ତ୍ତା ଗୁଡିକୁ ଏଲଇଡି ମାଧମରେ ବୁଲି ବୁଲି ପ୍ରଦର୍ଶୀତ କରିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପରିବହନ ବିଭାଗର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ। ଦ୍ୱିତୀୟ ଦିନରେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଶିକ୍ଷା ବିଭାଗ ତର'ରୁ ବିଭିନ୍ନ ଚିତ୍ରାଙ୍କନ ପ୍ରତିଯୋଗୀତା ହୋଇଥିଲା। ବିଭାଗ ତରଫରୁ କର୍ମଚାରୀମାନେ ତରବୋଡଠାରେ ଜାତୀୟ ରାଜପଥ ୩୫୩ରେ ଗାଡି ମୋଟର ଯାନଚ କରିଥିଲେ। ହେଲମେଟ, ସିଟବେଲ୍ଟ ପିନ୍ଧିବା ସହ ନିଶାମୁକ୍ତ ହୋଇ, ରାସ୍ତାରେ ସଠିକ ପାର୍ଶ୍ୱରେ ଗାଡି ଚଳାଇବାକୁ ସଚେତନତା କରାଯାଇଥିଲା।



## ପ୍ରେମ ନିବେଦନ ଗ୍ରହଣ ନ କରିବାରୁ

# ହାତଗୋଡ଼ ବାନ୍ଧି ନାବାଳିକାଙ୍କୁ ଗଣବଳାତ୍କାର

**ନୂଆପଡ଼ା/କୋମନା, ୨।୧(ସମିସ)**

■ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
■ ୨ ଅଭିଯୁକ୍ତ ଅଟକ

ପ୍ରେମ ନିବେଦନ ଗ୍ରହଣ ନ କରିବାରୁ ଜଣେ ନାବାଳିକାଙ୍କୁ ୩ଜଣ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ନୂଆପଡ଼ା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ନାବାଳିକାଙ୍କୁ ବିଳମ୍ବିତ ରାତିରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ପକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ପୁଲିସ ସୂଚତା ମତେ, ସୋମବାର ଦିନ ନୂଆବର୍ଷରେ କୋମନା ବ୍ଲକ କ୍ରିଷ୍ଣା ଗାଁଠାରୁ ଅନତି ଦୂରରେ ଭୋଜିଭାତର ଆସର ଚାଲିଥିଲା। ସେଠାରେ ପୀଡ଼ିତାଙ୍କ ସହ ଜଣେ ଯୁବକର ପରିଚିତ ହୋଇଥିଲା। ତେବେ ଭୋଜିଭାତ ପରେ ସନ୍ଧ୍ୟାରେ ସମସ୍ତେ ଚାଲିଯାଇଥିଲେ। ରାତିରେ ନାବାଳିକା ଜଣକ ଗାଁ ବାହାର ଜମିକୁ ଝାଡା ଯାଇଥିବାବେଳେ ତାଙ୍କ ପିଛା କରି ସମ୍ପୃକ୍ତ ଯୁବକ ଓ ତା'ର ଦୁଇ ସାଥୀ ମଧ ସେଠାକୁ ଯାଇଥିଲେ। ଯୁବକ ଜଣକ ବାରମ୍ବାର ନାବାଳିକାଙ୍କୁ ପ୍ରେମ ନିବେଦନ କରିଥିଲେ। ଏଥିରେ ସହମତ ନ ହେବାରୁ ଯୁବକର ସାଥିମାନେ ନାବାଳିକାଙ୍କୁ ପଛପଟୁ ହାତଗୋଡ଼ ବାନ୍ଧି ପକାଇ ବଳାତ୍କାର କରି ଜମି ଭିତରେ ଫିଙ୍ଗି ଦେଇ ଚାଲିଯାଇଥିଲେ। ଅନ୍ୟପଟେ ନାବାଳିକାଙ୍କ ପରିବାର ଲୋକ ଖୋଜାଖୋଜି କଲାପରେ ରାତି ପ୍ରାୟ ୧୨ଟାବେଳେ ଝିଅକୁ ପାଇଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କୋମନା ହସପିଟାଲ ଏବଂ ପରେ ନୂଆପଡ଼ା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରାଯାଇଛି। ଏ ନେଇ କୋମନା ଥାନାରେ ଅଭିଯୋଗ ହେବାପରେ ପୁଲିସ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ସବିଶେଷ ଅନୁଧ୍ୟାନ କରୁଛି। ଏହି ମାମଲାରେ ଦୁଇଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏଥିରେ ଜଣେ ନାବାଳକ ସମେତ ୩ଜଣ ଅଭିଯୁକ୍ତ ସାମିଲ ଥିବା କୁହାଯାଉଛି।

# ଅମୃତା ବାଲ୍ ସଙ୍ଗମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭବାନୀପାଟଣା, ୨।୧ (ସମିସ) :** ବାଲ ଗୋପାଲ ସେବା ନିକେତନ, ଭବାନୀପାଟଣା ଦ୍ୱାରା ୨୮ ରୁ ୩୧ ପର୍ଯ୍ୟନ୍ତ ଏକ ଚତୁର୍ଦିବସୀୟ ଆବାସିକ ବ୍ୟକ୍ତିତ୍ୱ ବିକାଶ ଶିବିର ଅମୃତା ବାଲ୍ ସଙ୍ଗମ- ୨୦୨୩ ଅନୁଷ୍ଠାନ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ପ୍ରକାରର ଶିକ୍ଷଣ ଏବଂ ଶିଶୁଙ୍କ ବ୍ୟକ୍ତିଗତ ବିକାଶର ଉନ୍ନତି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତ୍ୟହ ସକାଳ ୫.୪୫ରୁ ରାତ୍ର ୮ ଟା ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ବେଦ ଆବୃତ୍ତି, ଭଜନ ସ୍ତୋତ୍ର, ଗୀତା ଆବୃତ୍ତି ଆଦି ଶିକ୍ଷା ଦିଆଯାଇଥିଲା। ଏହି ଚତୁର୍ଦିବସିୟ ଶିବିରରେ, ପତଞ୍ଜଳି ଯୋଗ ସମିତିର ଯୋଗାଚାର୍ଯ୍ୟ ଡାକ୍ତର ନିହାରେନ୍ଦ୍ର ପଣ୍ଡା ଏବଂ ଅଶୋକ କୁମାର ମୁଣ୍ଡଙ୍କ ଦ୍ୱାରା ଯୋଗ, ଧ୍ୟାନ, ପ୍ରାଣାୟାମ, ଶ୍ରୀଯୁକ୍ତ ହେମନ୍ତ କୁମାର ମୁଣ୍ଡଙ୍କ ଦ୍ୱାରା ବିଷ୍ଣୁ ସହସ୍ରନାମ, ହନୁମାନ ଚାଳିଶା ପଠନ ଏବଂ 'ସଫଳତାର ଚାବିକାଠି', ଯୋଗବ୍ୟାସ ଭୋଇଙ୍କ ଦ୍?ାରା ପର୍ବତାରୋହଣ, ଭବାନୀପାଟଣା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚାଳକଙ୍କ ଦ୍ୱାରା ବେଙ୍କିଂ, ଧୀରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ଓ ଖେଳ କୁଦ, ଶ୍ରୀଯୁକ୍ତ ମୁକୁନ୍ଦ ରେ‡ୀଙ୍କ ଦ୍ୱାରା ଚିତ୍ରକଳା ଓ ହସ୍ତ କଳା, ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ମୃଣ୍ମୟ କଳା, ଡା ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ଆରବିଏସକେ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ସଞ୍ଜୟ କୁମାରଙ୍କ ଦ୍ୱାରା 'ଶିଶୁ ସୁରକ୍ଷା, ଅଧିକାର ଓ ଦୃଢ ଆତ୍ମ ବିଶ୍ୱାସର ଜାଗୃତି', ଅରୁଣ କୁମାର ପାଣିଗ୍ରାହୀଙ୍କ ଦ୍ୱାରା 'ମୂଲ୍ୟବୋଧ ', ଖରଟ ତାଣ୍ଡିଙ୍କ ଦ୍?ାରା ' ବର୍ଜ୍ୟ ବସ୍ତୁର ସଦ ବିନିଯୋଗ ' ପ୍ରଭୃତି ବିଷୟରେ ଶିକ୍ଷା ଦାନ କରାଯାଇଥିଲା। ଏହି ଚାରିଦିନିଆ ଆବାସିକ ଶିବିରର ଉଦଯାପନି ଉତ୍ସବରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ଭବାନୀପାଟଣା ସ୍ଥିତ ପୌରପାଳିକା ଅଧ୍ୟକ୍ଷ୍ୟା ସଞ୍ଜୁକ୍ତା ବେହେରା, ମୁଖ୍ୟ ବକ୍ତା ଭାବରେ ବ୍ରହ୍ମକୁମାରୀ ଶଶୀ ଭଉଣୀ, ସମ୍ମାନୀତ ଅତିଥି ଭାବରେ ଏସବିଆଇ ରିଜିଓନାଲ ମ୍ୟାନେଜର କୋଲା ବାଲାଜୀ, ରୋଟାରିୟାନ ସୁରଜିତ ସିଂ, ଅବସରପ୍ରାପ୍ତ ପ୍ରଫେସର ହିମାଂଶୁ ଷଡଙ୍ଗୀ, ଜିଲ୍ଲା କିଶୋର ନ୍ୟାୟ ବୋର୍ଡ ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଲକ୍ଷ୍ମୀ ଦାସ, ଓଡ଼ିଶା ସାହିତ୍ୟ ଏକାଡେମି ସଦସ୍ୟ ସତ୍ୟନାରାୟଣ ମହାପାତ୍ର, ଡ. ସଞ୍ଜିତ ସ୍ୱାଇଁ ଯୋଗଦେଇଥିଲେ। ଦଶମ ଶ୍ରେଣୀ ବାର୍ଷିକ ବୋର୍ଡ ପରୀକ୍ଷାରେ କଳାହାଣ୍ଡି ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ରହୁଥିବା ଶିଶୁ ମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଗୋଲାମୁଣ୍ଡା ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଦୁଷ୍ମନ୍ତ ବାଗଙ୍କୁ 'ବିନୟ ବେହେରା ସ୍ମୃତି ପୁରସ୍କାର -୨୦୨୩ ' ବାଲ ଗୋପାଳ ସେବା ନିକେତନ ଦ୍ୱାରା ପ୍ରଦାନ କରଯାଇଥିଲା। ପ୍ରତିଷ୍ଠାତା ହେମନ୍ତ କୁମାର ମୁଣ୍ଡ ଶିବିର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଅନୁଷ୍ଠାନର ସମସ୍ତ ଅନ୍ତେବାସୀ ଓ କର୍ମକର୍ତା ପ୍ରମୁଖ ଭୂମିକା ନେଇଥିଲେ।




## ଗ୍ରାମବାସୀଙ୍କ ପ୍ରଶ୍ନ ପାହାଡ଼: ସାଂସଦ ସଙ୍ଗୀତା ଅପ୍ରସ୍ତୁତ

# ସଭାଛାଡ଼ି ଚାଲିଗଲେ ରାଗ ଗରଗର ସାଂସଦ




**ବୀରମହାରାଜପୁର, ୨।୧ (ସମିସ):** ସ୍ଥାନୀୟ ଚମ୍ପାମାଳ ଗ୍ରାମପଞ୍ଚାୟତରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଜେପି ସାଂସଦ ସଙ୍ଗୀତା ସିଂହଦେଓଙ୍କୁ ହଟହଟା ହେବାକୁ ପଡ଼ିଛି। ସ୍ଥାନୀୟ ଗ୍ରାମବାସୀଙ୍କ ନାନା ପ୍ରଶ୍ନର ଉତ୍ତର ଦେଇ ନ ପାରି ରାଗ ତମତମ ହୋଇ ସେ ଶେଷରେ ସଭା ଛାଡ଼ି ଚାଲି ଯାଇଛନ୍ତି। ସାଂସଦଙ୍କ ଏହି ଆଚରଣ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ବୀରମହାରାଜପୁରରେ କେନ୍ଦ୍ର ସରକାରଙ୍କ ଏକ କାର୍ଯ୍ୟକ୍ରମରେ ସାଂସଦ ସଙ୍ଗୀତା ସିଂହଦେଓଙ୍କ ସହ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ଜଗଦଲା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ଜିଲ୍ଲା ଉପସଭାପତି ନଳିନୀ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁନାଥ ଜଗଦଲା, ଉଷା କୁମାରୀ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆନନ୍ଦ ବାରିକ, ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଦେଷ୍ଣା ନେଗୀ, ପୂର୍ବତନ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଇଂ. ଆଶ୍ରୟ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମୟରେ ଚମ୍ପାମାଳ ଗ୍ରାମର ଅନୁସୂଚିତ ଜାତିର ଜଣେ ଗରିବ ମହିଳା ସୁରୁନନି ନାଏକ ଉଜ୍ୱଳା ଗ୍ୟାସ ସଂଯୋଗ ନେଇ ଅଭିଯୋଗ କରିଥିଲେ। ପାଞ୍ଚ ପାଞ୍ଚ ଥର ଆବେଦନ କଲାପରେ ମଧ ସେ ଗ୍ୟାସ ପାଇବାରୁ ବଞ୍ଚିତ ହୋଇଥିବା ନେଇ ଆପତ୍ତି ଉଠାଇଥିଲେ। ସେହିପରି କିଛି ହିତାଧିକାରୀ ସେମାନଙ୍କ ବ୍ୟାଙ୍କ ଖାତାକୁ ଉଜ୍ୱଳା ସବସିଡି ଆସୁନଥିବାର ନେଇ ସାଂସଦଙ୍କୁ ପ୍ରଶ୍ନ କରିଥିଲେ। କିଛି ଲୋକ ପାଞ୍ଚ ବର୍ଷ ହେଲା ସାଂସଦ କେଉଁଠି ଥିଲେ ବୋଲି ପ୍ରଶ୍ନ କରିବାରୁ ସେ ଅପଦସ୍ତ ହେବାକୁ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଜଣେ ବ୍ୟକ୍ତି ୫ ବର୍ଷରେ ଚମ୍ପାମାଳ ଗ୍ରାମକୁ ଗୋଟିଏ ବି ଟଙ୍କା ସାଂସଦଙ୍କ ଅନୁଦାନ ପାଣ୍ଠିରୁ ମିଳିଛି କି ବୋଲି ପଚାରିବାରୁ ଶ୍ରୀମତୀ ସିଂଦେଓ ରାଗି ଯାଇଥିଲେ ଏବଂ ସଭାରୁ ଉଠି ଚାଲିଯାଇଥିଲେ।

# କଳାହାଣ୍ଡି ବ୍ୟାଡ଼ମିଣ୍ଟନ ଆସୋସିଏସନ ତରଫରୁ ନବବର୍ଷ ପାଳନ

**ଭବାନୀପାଟଣା, ୨।୧ (ସମିସ):** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳ ଲୁବେନଗଡ଼ ପଞ୍ଚାୟତ ଅଧିନସ୍ଥ ଡ୍ରାମ୍ବା ଗ୍ରାମରେ ସ୍ୱାଗତ ଆଇଟିସି ଭବାନୀପାଟଣା ଏବଂ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ଆସୋସିଏସନ ତରଫରୁ ନବବର୍ଷ ପାଳନ କରାଯାଇଅଛି। ସ୍ୱାଗତ ଆଇଟିସିର ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ପଟ୍ଟନାୟକ ଏବଂ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ପ୍ରଦୀପ କୁମାର ଦାସ(ବାପି), ତଥା ଯୁବ ଆଦିବାସୀ ନେତା ଧୋବଳେଶ୍ୱର ମାଝୀ ଲୁବେନଗଡ଼ ଯିବା ବାଟରେ ପ୍ରଥମେ ମୋହନଗିରି ଠାରେ ଥିବା ଷଷ୍ଠ ଶତାବ୍ଦୀରେ ନିର୍ମିତ ଶ୍ରୀ ଧବଳେଶ୍ୱର ମନ୍ଦିରକୁ ଯାଇ ପ୍ରଥମେ ଦର୍ଶନ କରିଥିଲେ ଓ ତାପରେ ଲୁବେନଗଡ଼ ଠାରେ ଅବସ୍ଥିତ ସହୀଦ ରେଣ୍ଡୋ ମାଝିଙ୍କ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଡ୍ରାମ୍ବା ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଡ୍ରାମ୍ବା ଗ୍ରାମକୁ ଯାଇଥିଲେ ଓ ସେଠାରେ ଗ୍ରାମବାସୀଙ୍କ ଦ୍ୱାରା ପ୍ରୀତି ପଟ୍ଟନାୟକ ଏବଂ ପ୍ରଦୀପ ଦାସ ଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ପ୍ରଥମେ ଗ୍ରାମବାସୀଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ କରିଥିଲେ। ଏହାପରେ ସମସ୍ତ ଗ୍ରାମବାସୀଙ୍କ ଗହଣରେ ରହି କେକ କାଟି ନବବର୍ଷ ପାଳନ କରିଥିଲେ ଏବଂ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ ଓ ଏହାପରେ କିଛି ଚିହ୍ନଟ ହୋଇଥିବା ଅତି ଗରିବ ବୃଦ୍ଧ, ବୃଦ୍ଧା ମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଯୁବକ ପୀତବାସ ନାଏକ ପରିଚାଳନା କରିଥିଲେ ଏବଂ ଅନ୍ୟାନ୍ୟ ଯୁବକ ଅଭିରାମ ନାଏକ, ସତ୍ୟ ନାଏକ ସହଯୋଗ କରିଥିଲେ ଓ ପରିଶେଷରେ ସମସ୍ତଙ୍କୁ ପ୍ରଦୀପ ଦାସ ଏବଂ ପ୍ରୀତି ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।



# ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ ଉଦ୍‌ଘାଟିତ







**ବୌଦ୍ଧ, ୨।୧ (ସମିସ)**

ଜାନୁଆରୀ ୨ ତାରିଖ ବୌଦ୍ଧ ଜିଲ୍ଲା ପ୍ରତିଷ୍ଠା ଦିବସରେ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ତଥା ରାଜ୍ୟସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ ସ୍ଥାନୀୟ ପ୍ୟାରେଡ ପଡ଼ିଆରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ଜିଲ୍ଲାପାଳ ମହୋତ୍ସବ ପଡ଼ିଆରେ ମହୋତ୍ସବ ପତାକା ଉତ୍ତୋଳନ କରିଥିବା ବେଳେ ଅପରାହ୍ନରେ ମଶାଲ ଶୋଭାଯାତ୍ରା ଭୈରବୀ ଛକ ସ୍ଥିତ ବୁଦ୍ଧ ମନ୍ଦିରରୁ ବାହାରି ସହର ପରିକ୍ରମା କରି ମହୋତ୍ସବ ପଡ଼ିଆରେ ପହଞ୍ଚି ଥିଲା। ଏହି ଶୋଭାଯାତ୍ରାରେ ବୌଦ୍ଧ, ହରଭଙ୍ଗା ଏବଂ କନ୍ଧମାଳ ବ୍ଲକରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ସାମିଲ ରହି ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବୌଦ୍ଧ ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଏବଂ କନ୍ଧମାଳ ବିଧାୟକ ମହୀଧର ରଣା, ଆରକ୍ଷୀ ଅଧିକ୍ଷକ ରାଜ ପ୍ରାସାଦ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବ ଉଦଘାଟନ କରିଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ମନ୍ତ୍ରୀ ଶ୍ରୀ ଅମାତ ନିଜ ବକ୍ତବ୍ୟରେ ବୌଦ୍ଧ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପାରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ମହୋତ୍ସବ ଦ୍ୱାରା ଜିଲ୍ଲାର କଳା ସଂସ୍କୃତି ଉଦ୍ଜୀବିତ ରହି ପାରିବ ବୋଲି ମତ ରଖିଥିଲେ। ସେହିପରି ବୌଦ୍ଧ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଏହି ଅବସରରେ ଜିଲ୍ଲାର ପ୍ରତିଷ୍ଠାତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କରିଥିଲେ। ଜିଲ୍ଲା ଉଦଘାଟନୀ ସଭା ଶେଷରେ ମଞ୍ଚାସିନ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଘାଟନୀ ସଭା ପରେ ଆସାମର ବିହୁ ନୃତ୍ୟ ଗ୍ରୁପ, ଫୁଲବାଣୀର ନାଟରାଜ କଳା ମନ୍ଦିର, କନ୍ଧମାଳର ମୟୂରୀ ଅନୁଷ୍ଠାନ ଏବଂ ବଉଳି କଳା ପରିଷଦ, ବ୍ରହ୍ମପୁର ର ରେ‡ୀ ଏବଂ ସାଥୀ, ସମ୍ବଲପୁର ର ଦିଲ୍ଲୀପ ସାହୁ ଏବଂ ସାଥୀ, ହରଭଙ୍ଗା ର ବାବା ଚମ୍ପେଶ୍ୱର କଳା ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଶୀତୁଆ ସନ୍ଧ୍ୟାରେ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା ଓ ବିଭିନ୍ନ ଖାଦ୍ୟ ଷ୍ଟଲରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।



# ଜିଲ୍ଲାପାଳଙ୍କୁ ଭେଟି ଶୁଭେଚ୍ଛା ଜଣାଇଲା ସାମ୍ବାଦିକ ସଂଘ



**ନୂଆପଡା, ୨।୧(ସମିସ):** ନୂଆବର୍ଷ ୨୦୨୪ ଅବସରରେ ସୌଜନ୍ୟମୂଳକ ଭାବେ ଜିଲ୍ଲା ସାମ୍ବାଦିକ ସଂଘ(ଜାନ୍) ତରଫରୁ କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ସଭାପତି ଘନଶ୍ୟାମ ଭୋଇଙ୍କ ନେତୃତ୍ୱରେ ସାମ୍ବାଦିକ ସଂଘର ଏକ ସାତ ଜଣିଆ ଟିମ୍ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଫୁଲତୋଡା ଦେଇ ନୂତନ ବର୍ଷର ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ନୂଆବର୍ଷ ୨୦୨୪ରେ କିପରି ଜିଲ୍ଲାର ସାମଗ୍ରିକ ବିକାଶ ହେବ ସେଥିପାଇଁ ମାଁ ସମଲେଶ୍ୱରୀଙ୍କ ନିକଟରେ କାମନା କରିଥିଲେ। ବିଗତ ଦିନମାନଙ୍କରେ ଜିଲ୍ଲାପାଳଙ୍କ ଉଦ୍ୟମ କ୍ରମେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଯେଉଁଥିପାଇଁ କି ନୂଆପଡା ଜିଲ୍ଲା ରାଜ୍ୟ ତଥା ଜାତୀୟ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିପାରିଛି। ନିହାତି ଭାବେ ଏହି ବର୍ଷମଧ୍ୟ ଜିଲ୍ଲାପାଇଁ ଶୁଭଙ୍କର ହେବ ବୋଲି ସାମ୍ବାଦିକମାନେ ଆଶାବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜାନ୍‌ର ପୂର୍ବତନ ସଭାପତି ମାୟାଧର ସରାଫ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁନୁ କରୁଆଁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରତନ କେତକୀ, ନୂଆପଡା ବ୍ଲକ ସଭାପତି ଅଶ୍ୱିନୀ ପାଣିଗ୍ରାହୀ, ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ଚନ୍ଦ୍ରଶେଖର ପଟେଲ ପ୍ରମୁଖ ସାମିଲ ଥିଲେ।

# ମିଲେଟ୍ ମିଶନ ଯୋଗୁଁ ସୁନାମ ଆଣିଛି ମାଣ୍ଡିଆ ଚାଷ

## ଉପକୃତ ହେଉଛନ୍ତି ଚାଷୀ ଓ ସ୍ୱୟଂସହାୟକ ଗୋଷ୍ଠୀ

**ଭବାନୀପାଟଣା, ୨।୧(ସମିସ):** ରାଜ୍ୟ ସରକାରଙ୍କ ମିଲେଟ ମିଶନ ଯୋଗୁଁ କଳାହାଣ୍ଡି ଜିଲ୍ଲାର ପାହାଡି ଅଞ୍ଚଳରେ ବଢୁଛି ମାଣ୍ଡିଆ ଚାଷ । ପୂର୍ବ ତୁଳନାରେ ଅଧିକ ମାଣ୍ଡିଆ ଚାଷ କରି ଉପକୃତ ହେଉଛନ୍ତି ଚାଷୀ । ରାଜ୍ୟ ସରକାରଙ୍କ ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ପ୍ରକଳ୍ପ ଯୋଗୁଁ ପ୍ରଥମେ ସବୁଜ କଳାହାଣ୍ଡି ଓ ରାଜ୍ୟ ସରକାରଙ୍କ ମିଲେଟ ମିଶନ ଯୋଗୁଁ ମିଲେଟ କଳାହାଣ୍ଡି ହେବାରେ ଲାଗିଛି । ବିଶେଷକରି କୋକସରା ଖଲିଗଡ, ବିରିମାଣ ପୁର, ଗୋଡୋମୁଣ୍ଡାରେ ଗତବର୍ଷ ତୁଳନା ରେ ଚଳିତ ବର୍ଷ ୫୦୦ ରୁ ଉର୍ଦ୍ଧ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଛି। କେବଳ ଯେ କୋକସରା ବ୍ଲକ ତାହାନୁହଁ ଧର୍ମଗଡ, ଜୟପାଟଣା, ଥୁଆମୁଲ ରାମପୁର ଓ ଲାଞ୍ଜିଗଡ଼ ଅଞ୍ଚଳ ରେ ଚଳିତ ବର୍ଷ ବହୁଳ ଭାବରେ ହୋଇଛି ମାଣ୍ଡିଆ ଚାଷ । କଳାହାଣ୍ଡିରେ ଉତ୍ପାଦିତ ଏହି ମିଲେଟ ଆଗମୀ ଦିନରେ ଜିଲ୍ଲାର ବିଭିନ୍ନ ମିଶନ ଶକ୍ତି କାଫେରେ ବିନିଯୋଗ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ଭବାନୀପାଟଣା, ଲାଞ୍ଜିଗଡ଼ ଓ ଧର୍ମଗଡ଼ରେ ମିଲେଟ ମିଶନ ଜରିଆରେ ମାଣ୍ଡିଆରେ ତିଆରି ସୁସ୍ୱାଦ୍ୟ ପିଠା ଓ ଅନ୍ୟ ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରି ମିଲେଟ ମିଶନ କାଫେ ଜରିଆରେ ବିକ୍ରି କରାଯାଉଥିବା ବେଳେ ଏହି ଖାଦ୍ୟ ସାମଗ୍ରୀ ପ୍ରତି ସାଧାରଣ ଲୋକଙ୍କ ମଧ୍ୟ ଆକୃଷ୍ଟ ବଢୁଛି । ଏହାଶହ ମାଣ୍ଡିଆ ଚାଷୀ ଓ ମାଣ୍ଡିଆରେ ଖାଦ୍ୟ ପ୍ରସ୍ତୁତ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀର ମା' ମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ହେଉଛି । ଆଗାମୀ ଦିନରେ ପ୍ରତି ବ୍ଲକରେ ମିଲେଟ ମିଶନ ଷ୍ଟଲ ଖୋଲିବାକୁ ଯୋଜନା ରଖିଛି ଜିଲ୍ଲା ପ୍ରଶାସନ । କଥାରେ ଅଛି ଚାଷୀ ହସିଲେ ଦେଶ ହସିବ ଆଉ ରାଜ୍ୟ ସରାକର ଉଦ୍ୟମ ଯୋଗୁଁ ପ୍ରଥମେ କଳାହାଣ୍ଡି ଧାନରେ ଅଗ୍ରଣୀ ପରେ କପା ବିଦେଶକୁ ରପ୍ତାନି କରୁଥିବା ବେଳେ ଏବେ ମାଣ୍ଡିଆରେ ସୁନାମ ଅର୍ଜନ କରିଛି।



# ଧାନକିଣା ସମସ୍ୟାକୁ ନେଇ ବିଜେପି କରିବ ଜିଲ୍ଲାବନ୍ଦ

**ନୂଆପଡା,୨।୧(ସମିସ):** ଧାନକିଣା ସମସ୍ୟା ନେଇ ଆସନ୍ତା ୫ ତାରିଖ ଦିନ ଜିଲ୍ଲାବନ୍ଦ ଡାକରା ଦେଇଛି ଜିଲ୍ଲା ବିଜେପି। ମଙ୍ଗଳବାର ସ୍ଥାନୀୟ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସୁବ୍ରତ ଠାକୁର ତାଙ୍କ ଦଳୀୟ ମୂଖ୍ୟଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଥିଲେ। ଆହୂତ ସମ୍ମିଳନୀରେ ଜିଲ୍ଲା ସଭାପତି ଠାକୁର ପ୍ରାରମ୍ଭିକ ସୂଚନା ଦେବାରେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ବିଷଦ ଭାବେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୋମସିଂ ମାଝୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣୀ ପାଣିଗ୍ରାହୀ, ପୂର୍ବତନ ସଭାପତି ଅତିନ୍ଦ୍ର ଜିତ ସିଂ ମଲ୍ଲିକ, ତୁଳସ ପଟେଲ, ରୋହିତ ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ଭଡ଼ାରେ ଲାଗିଛି ଚାଷୀଙ୍କ ଗୋଦାମ ଘର

## କୃଷିଜାତ ସାମଗ୍ରୀ ବଦଳରେ ରହୁଛି ଦୋକାନୀଙ୍କ ସାମଗ୍ରୀ

**ଧର୍ମଗଡ଼, ୨।୧ (ସମିସ) :** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଦୀର୍ଘଦିନ ହେବ ଚାଷୀଙ୍କ ଉତ୍ପାଦିତ ବିଭିନ୍ନ ଫସଲ ଗଚ୍ଛିତ ରଖି ସଠିକ ସମୟରେ ଉଚିତ ମୂଲ୍ୟରେ ବିକ୍ରି କରି ଲାଭବାନ ହେବା ପାଇଁ ବଡ଼ ବଡ଼ ଗୋଦାମ ନିର୍ମାଣ ହୋଇଛି। କିନ୍ତୁ ଏହି ଗୋଦାମକୁ ଚାଷୀଙ୍କୁ ନ ଦେଇ ନିୟନ୍ତ୍ରିତ ବଜାର କମିଟି ସ୍ଥାନୀୟ ବ୍ୟବସାୟୀଙ୍କୁ ଭଡାରେ ଦେଇଥିବା ଭଳି ଅଭିଯୋଗ ଉଠିଛି। ଏହାକୁ ନେଇ ଚାଷୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲାରେ ଧାନ, କପା, ଆଖୁ ଓ ପନିପରିବା ବିପୁଳ ମାତ୍ରା ରେ ଚାଷ ହୋଇ ଥାଏ। ଚାଷୀଙ୍କ ଉତ୍ପାଦିତ ଫସଲକୁ ଗୋଟିଏ ସ୍ଥାନରେ ଗଚ୍ଛିତ କରି ପରେ ସଠିକ ସମୟରେ ବିକ୍ରି କରି ଅଧିକ ଲାଭବାନ ହେବା ପାଇଁ ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଧର୍ମଗଡ଼ ବ୍ଲକ ପାଇଁ ଗୋଟିଏ, ଗୋଲାମୁଣ୍ଡା ବ୍ଲକ ୪ଟି ଓ ଜୁନାଗଡ଼ ବ୍ଲକ ପାଇଁ ୫ଟି ଗୋଦାମ ନିର୍ମାଣ ହୋଇଛି। ଜୁନାଗଡ଼ ବ୍ଲକର ଗୋଦାମ ଗୃହକୁ ସନ୍ତୋଷ ନାଏକ, ପବନ କୁମାର ମିତ୍ତଲ, ହରି ଭଜନ ପ୍ରଧାନ ଓ ଦୀପ୍ତିମୟୀ କରଙ୍କ ସମେତ ବହୁ ଲୋକ ନିୟନ୍ତ୍ରିତ ବଜାର କମିଟି ସହିତ କୃଷିଜାତ ସାମଗ୍ରୀ ରଖିବା ପାଇଁ ଏଗ୍ରିମେଣ୍ଟ କରିଛନ୍ତି। ମାତ୍ର ଏହି ବ୍ୟକ୍ତି ମାନେ କୃଷିଜାତ ସାମଗ୍ରୀ ଏହି ଗୋଦାମରେ ନ ରଖି ଅନ୍ୟ ବ୍ୟବସାୟୀଙ୍କୁ ଚଢା ଦରରେ ଭଡ଼ାରେ ଦେଇଥିବା ଚର୍ଚ୍ଚା ହେଉଛି। କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ଗୋଦାମରେ ବର୍ଷ ବର୍ଷ ଧରି ବ୍ୟବସାୟୀ ମାନେ କୃଷିଜାତ ସାମଗ୍ରୀ ନ ରଖି ଦୋକାନ ରେ ବିକ୍ରି ହୋଉଥିବା ସାମଗ୍ରୀକୁ ଗଚ୍ଛିତ ରଖିଥିବା ଚର୍ଚ୍ଚା ହେଉଛି। ଠିକ ଏଭଳି ଧର୍ମଗଡ଼ ର ଗୋଦାମ ନିୟନ୍ତ୍ରିତ ବଜାର କମିଟିର ସାମଗ୍ରୀ ରହୁଥିବା ବେଳେ ଗୋଲାମୁଣ୍ଡା ବ୍ଲକ ର ଡୁମୁରା ଗ୍ରାମର ଗୋଦାମ ଓ ଘୋଟିଆ ଗ୍ରାମରେ ଥିବା ଗୋଦାମ ଗୃହ ମଧ୍ୟ ବ୍ୟବସାୟୀଙ୍କ ସେବାରେ ନିୟୋଜିତ ହୋଇଥିବା ଏବେ ସାଧାରଣରେ ଆଲୋଚନା ହେଉଛି। ନିୟନ୍ତ୍ରିତ ବଜାର କମିଟି ଏହି ଗୋଦାମକୁ ସ୍ଥାନୀୟ ବ୍ୟବସାୟୀ ମାନଙ୍କୁ ଭଡ଼ାରେ ଦେଇ ନିଜ ମୁନାଫା ଖୋଜୁ ଥିବା ବେଳେ ବିଚରା ଚାଷୀ ନିଜ କଷ୍ଟ ଉପାର୍ଜିତ ଫସଲକୁ ଖରା ବର୍ଷା ଓ ଶୀତ ରେ ବିଭିନ୍ନ ସ୍ଥାନରେ ସାଇତି ରଖି ବିକ୍ରି କରୁଛନ୍ତି। ଫଳରେ ଏହାକୁ ନେଇ ଚାଷୀ ମହଲରେ ଅଶାନ୍ତି ଦେଖା ଦେଇଛି। ୧ ହଜାର ମେଟ୍ରିକ ଟନ ବିଶିଷ୍ଟ ମୋଟ ୮ ଗୋଦାମକୁ ବ୍ୟବସାୟୀ ମାନେ ନିୟନ୍ତ୍ରିତ ବଜାର କମିଟି ସହିତ କୃଷିଜାତ ସାମଗ୍ରୀ ରଖିବାକୁ ଏଗ୍ରିମେଣ୍ଟ କରିଛନ୍ତି। ମାତ୍ର ଏଗ୍ରିମେଣ୍ଟ କରିଥିବା ବ୍ୟବସାୟୀ ଅଧିକ ଚଢା ଦରରେ ସେହି ଗୋଦାମକୁ ଅନ୍ୟ ବ୍ୟବସାୟୀଙ୍କୁ ଭଡ଼ା ରେ ଲଗାଉ ଥିବା ନେଇ ଚାଷୀଙ୍କ ଭିତରେ ଘୋର ଅସନ୍ତୋଷ ସୃଷ୍ଟି ହେଉଛି। ଏ ନେଇ ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟିର ଭାର ପ୍ରାପ୍ତ ସଂପାଦକଙ୍କୁ ଯୋଗାଯୋଗ କରିବାରୁ ଗୋଦାମ ଗୃହର ଫାଇଲ ଦେଖିଲା ପରେ ପ୍ରତିକ୍ରିୟା ଦେବି ବୋଲି କହିଥିଲେ।

● ପାଖେଇ ଆସୁଛି ନିର୍ବାଚନ

# ବିଜେପିର ଚାଷୀ ରାଜନୀତି ଆରମ୍ଭ

**ଭବାନୀପାଟଣା, ୨।୧ (ସମିସ) :** ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେପି ଦଳ ସେତିକି ଚଳଚଞ୍ଚଳ ହୋଇ ଉଠୁଛି। ପ୍ରସଙ୍ଗ ଖୋଜି ଗଣଧାରଣା ଓ କଳାହାଣ୍ଡି ବନ୍ଦ ଡାକରା ଦେବାକୁ ପରିସ୍ଥିତି ବାଧ୍ୟ କରୁଛି। କଳାହାଣ୍ଡି ଜିଲ୍ଲାରେ ଚାଷୀ ସମସ୍ୟା, ଜିଲ୍ଲାବ୍ୟାପି ଧାନ, କପାର ଅଭାବି ବିକ୍ରି ସୃଷ୍ଟି ଓ ଦୁର୍ନୀତିକୁ ମୁଦା କରି ପ୍ରିୟଭାଜନ ହେବାର ତରିକା ଆପଣେଇଥିବା ଲକ୍ଷ୍ୟ କରାଯାଇଛି। ଆସନ୍ତା ୪ ତାରିଖରେ କଳାହାଣ୍ଡି ବନ୍ଦ ଘୋଷଣା କରି ଚକ ଅଖ ଓ ଦୋକାନ ବଜାର ବନ୍ଦ କରିବାକୁ ଦଳ ଡାକରା ଦେଇଛି।

ଇତିମଧ୍ୟରେ ଯୋଗାଣ ବିଭାଗରୁ ମିଳିଥିବା ରିପୋର୍ଟ ପ୍ରକାରେ ୨୭ ଲକ୍ଷ କ୍ୱିଣ୍ଟାଲ୍ ଧାନ ମଣ୍ଡି ମାଧ୍ୟମରେ କ୍ରୟ କରାଯାଇଛି। ଏବେ ନୁହେଁ ପୂର୍ବରୁ କଟନୀ ଛଟନୀରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ସତ୍ତ୍ୱେ ଚାଷୀ ଧାନ ବିକ୍ରିକରି ଆସୁଛି। ବିଜେପି ଗତ ୨୮ ତାରିଖରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦେଇଛି। ସାଧାରଣରେ ଲୋକେ ବିଜେପିର ଏହି କାର୍ଯ୍ୟକ୍ରମକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି। କଳାହାଣ୍ଡି ସାଂସଦ ଆଜି ଯାହା କହୁଛନ୍ତି ପୂର୍ବରୁ କହିପାରୁନଥିଲେ କାହିଁକି ବୋଲି ପ୍ରଶ୍ନ କରୁଛନ୍ତି।

# ମା' ମାଉଳୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୋକସରା,୨।୧(ସମିସ) :** କୋକସରା ବ୍ଲକ ମୁଖାପାଲି ଖେଳପଡିଆଠାରେ ମଙ୍ଗଳବାର ମା' ମାଉଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖାପାଲି ସରପଞ୍ଚ ଅକ୍ଷୟ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଅଞ୍ଜନା ଦୁର୍ଗା, ସାମ୍ବାଦିକ ଜଗଦୀଶ ନାଏକ, କ୍ରୀଷ୍ଣା ମଞ୍ଜରୀ ସୁନାନୀ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ୍ ଗହନାମୁଣ୍ଡା ଓ ଚାରବାହାଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାରବାହାଲ ଟସ୍ ଜିଣି ପ୍ରଥମେ ଫିଲଡିଂଗ୍ ନିଷ୍ପତ୍ତି ନେଇଥିଲେ। ଗହନାମୁଣ୍ଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରେ ୭ ଉଇକେଟ ହରାଇ ୭୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଚାରବାହାଲ ଟିମ୍ ୭୭ ରନର ବିଜୟ ଲକ୍ଷେ ନେଇ ପଡ଼ିବାକୁ ଓହ୍ଲାଇ ୭.୩ ଓଭରରେ ୪ ଉଇକେଟ ବିନିମୟରେ ମ୍ୟାଚ୍ ବିଜୟୀ ହୋଇଥିଲା। ମ୍ୟାଚରେ ଅମ୍ପିଆର ଭାବେ କୁନୁ ରାଉତ ଓ ତୁଳାରାମ ସୁନାନୀ ଖେଳ ପରିଚାଳନା କରିଥିଲେ। ସ୍କୋରର ରାକେଶ ଗୋପାଳ ରହିଥିବାବେଳେ ଆକାଶ ନାଏକ, ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ଦିଗାମ୍ବର ନାଗ, ରାଜୁ ଗୋପାଳ, କୁନୁ ରାଉତ, ଅକ୍ଷୟ ଗୋପାଳ, ରବି ଗୋପାଳ, ଓମ୍ ପ୍ରସାଦ ଗୋପାଳ, ତଶରାମ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

**ବେହେରା, ୨।୧ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତେଣ୍ଡାପାଲି ଗ୍ରାମର ଜଣେ ଧର୍ମପ୍ରାଣା ମହିଳା ଫନିଲା ଦେଇ ନାଏକଙ୍କ ମଙ୍ଗଳବାର ପରଲୋକ ହୋଇ ଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ ଅତ୍ୟନ୍ତ ଦୟାଳୁ ଓ ପରୋପକାରୀ ଓ ମେଳାପୀ ଥିଲେ। ତାଙ୍କ ବିୟୋଗ ରେ ପରିବାରବର୍ଗ, ସମ୍ପର୍କୀୟ ତଥା ଅଞ୍ଚଳ ବାସୀ ମ୍ରିୟମାଣ ହୋଇପଡ଼ିଛନ୍ତି। ବଡ଼ପୁଅ ବୈକୁଣ୍ଠ ନାଏକ ମୁଖାଗ୍ନି ଦେଇଥିବା ବେଳେ ତାଙ୍କ ଅନ୍ୟ ଚାରି ପୁଅ ଟଙ୍କଧର, ଭୀମସେନ, ଲଳିତ, କାହ୍ନୁ ନାଏକ ସମେତ ପରିବାରବର୍ଗ, ବନ୍ଧୁ ବର୍ଗ ଓ ଆଖପାଖ ଗ୍ରାମର ଅନେକ ଲୋକ ଉପସ୍ଥିତ ଥିଲେ।

# ନବବର୍ଷ ଉପଲକ୍ଷେ ଜିଲ୍ଲାସ୍ତରୀୟ ବନାନୀ କବି ସମ୍ମେଳନ

**ଭବାନୀପାଟଣା,୨।୧ (ସମିସ):** ସ୍ଥାନୀୟ ଭବାନୀପୁର ଆମ୍ରକୁଞ୍ଜରେ କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ଇଂରାଜୀ ନବବର୍ଷ-୨୪ ଅବସରରେ ଜିଲ୍ଲାସ୍ତରୀୟ 'ବନାନୀ କବି ସମ୍ମେଳନ' ଅନୁଷ୍ଠିତ ହୋଇଯାଇଛି। ଅମର କବି ଯୁଗଳ କିଶୋର ଯୋଷୀଙ୍କ ସ୍ମୃତିରେ ଅନୁଷ୍ଠିତ ଏଇ ସାରସ୍ୱତ ପର୍ବରେ ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଉଦଘାଟକ ଭାବେ ବିଶିଷ୍ଟ ସାହିତ୍ୟିକ ରାସବିହାରୀ ବେହେରା, ମୁଖ୍ୟ ଅତିଥି ଭାବେ ରାଜ ଖଡ଼ିଆଳରୁ ସାହିତ୍ୟିକ ନୀଳଲୋହିତ ସିଂଦେବ ଓ ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ଜଗନ୍ନାଥ ମୁଣ୍ଡ ଯୋଗଦେଇଥିଲେ। ଗୁରୁ ନରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପରିଷଦ ପରିଚାଳିତ ସଂଗୀତ ମହାବିଦ୍ୟାଳୟର ଶିଳ୍ପୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ଗୀତିକାର ବଳଭଦ୍ର ମହାନ୍ତି, ଖଡ଼ିଆଳଙ୍କୁ ଚଳିତ ବର୍ଷର ଯୁଗଳ କିଶୋର ଯୋଷୀଙ୍କ ସ୍ମୃତିରେ 'ବନାନୀ କବି ସାମ୍ମନ-୨୪' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଘୋଷିତ ଯୁବ ଗାଳ୍ପିକ ଦିଲେଶ୍?ର ରଣାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । କବି ଦୀପ୍ତି ମୁଣ୍ଡ ଓ କବି ଗୌରାଙ୍ଗ କୁମାର ସାହୁଙ୍କ ସଂଯୋଜନାରେ ଅବିଭକ୍ତ କଳାହାଣ୍ଡି-ନୂଆପଡା ଜିଲ୍ଲାର ୬୦ରୁ ଊର୍ଦ୍ଧ୍ୱର୍ କବି ବନାନୀ କବିତାବୃତ୍ତି କରିଥିଲେ। ଅନୁଷ୍ଠାନର ବାର୍ଷିକ ସାହିତ୍ୟ ପତ୍ରିକା 'ସାଗର' ଓ ବଳଭଦ୍ର ମହାନ୍ତିଙ୍କ 'ସଂସ୍କୃତିର ବିନ୍ଦୁ ବିସର୍ଗ' ଲୋକାର୍ପିତ ହୋଇଥିଲା । ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ଭବନାଥ ରାୟଗୁରୁ ଉପ ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, କେଦାର ରାୟଗୁରୁ, ଡ. ତପନ କୁମାର ରଥ,ଗୋପାଳ ସାହୁ, ଯୁଗ୍ମ ସମ୍ପାଦକ ସୌରଭ ମହାପାତ୍ର ପ୍ରମୁଖ ସହଯୋଗ କରିଥିବାବେଳେ ଡ. ଦାଶରଥି ଆଚାର୍ଯ୍ୟ, ସତ୍ୟ ନାରାୟଣ ମହାପାତ୍ର, ସ୍ୱର୍ଣ୍ଣକାନ୍ତୀ ବୈକାର, ଅଶୋକ ପାତ୍ର ପ୍ରମୁଖ ବହୁ ସାରସ୍ୱତ ସାଧକ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଭାଗିରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




# ସତ୍ୟନାରାୟଣଙ୍କୁ ପଣ୍ଡିତ ରୀକ୍ଷିରାମ ସ୍ମୃତିସମ୍ମାନ



**ବେହେରା, ୨।୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ଅବସରରେ ଗବେଷକ ସତ୍ୟନାରାୟଣ ମୁଣ୍ଡଛିନାଙ୍କୁ ପଣ୍ଡିତ ରୀକ୍ଷିରାମ ସ୍ମୃତିସମ୍ମାନରେ ସମ୍ମାନିତ କରାଯାଇଛି। ପଣ୍ଡିତ ରୀକ୍ଷିରାମ ତିୱାରୀ କଳାହାଣ୍ଡି ଲୋକ କଳା ଘୁମୁରା ର ଅଦ୍ୱିତୀୟ ଗୁରୁ ଥିଲେ। ସେ ଘୁମୁରା କୁ ନେଇ ଅନେକ କାଳଜୟୀ ଗୀତ ରଚନା କରିବା ସହ ତାଙ୍କ ପ୍ରଶିକ୍ଷିତ ଘୁମୁରା ଦଳ କୁ ପଲ୍ଲୀ ରୁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇ ପାରିଥିଲେ। ସେ କଳାହାଣ୍ଡିର ସର୍ବପୁରାତନ ବ୍ରଜମୋହନ ସାହିତ୍ୟ ସଂସଦ ସହ ଜଡିତ ଥାଇ କଳାହାଣ୍ଡି ରାଜ ଦରବାରର ପଣ୍ଡିତଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ। ସେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମଧ୍ୟ ଘୁମୁରା ର ଅଦ୍ୱିତୀୟ ଗୁରୁ ରୂପେ ସମ୍ମାନିତ ହୋଇ ଥିଲେ। ଏତଦ ବ୍ୟତୀତ ସେ ଅନେକ ନାଟକ,ପାରମ୍ପରିକ ନୃତ୍ୟ ଗୀତ,ଦେବୀ ବନ୍ଦନା ଉପେନ୍ଦ୍ର ଭଞ୍ଜଙ୍କ ଶୈଳୀ ରେ ଲେଖିଯାଇଛନ୍ତି। ସେ ତାଙ୍କ ରଚନା ରେ ଦଣ୍ଡପାଟକୁ ଏକ ନୂତନ ପରିଚୟ ପ୍ରଦାନ କରିଥିଲେ ।ତାଙ୍କ ସ୍ମୃତି ରେ ଦଣ୍ଡପାଟର ସର୍ବବୃହତ ସମ୍ମାନ ରୂପେ ଦଣ୍ଡପାଟ ର ଅଗ୍ରଣୀ ଅନୁଷ୍ଠାନ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ପ୍ରତି ବର୍ଷ ଜଣେ ସୁନାମଧନ୍ୟ ସାହିତ୍ୟିକଙ୍କୁ ସମ୍ମାନିତ କରିଥାଏ। ଚଳିତବର୍ଷ ଏକଧାରାରେ ସାହିତ୍ୟିକ, ଗବେଷକ ଓ ସୁବକ୍ତା ଅଧ୍ୟାପକ ସତ୍ୟନାରାୟଣ ମୁଣ୍ଡଛିନାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

# ନୀଳକଣ୍ଠେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କୁସୁମଖୁଣ୍ଟିକୁ ହରାଇ ମୁଖୀଗୁଡା ଚାମ୍ପିଅନ

**କୋକସରା,୨।୧(ସମିସ) :** କୋକସରା ବ୍ଲକ କୁସୁମଖୁଣ୍ଟି ମିନି ଷ୍ଟାଡିୟମଠାରେ ଚାଲିଥିବା ନିଲକଣ୍ଠେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ମୁଖୀଗୁଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରେ ୬ ଉଇକେଟ ବିନିମୟରେ ୧୦୯ ରନ୍ ସଂଗ୍ରହ କରିଥିଲା। ଜବାବରେ କୁସୁମଖୁଣ୍ଟି ଟିମ୍ ନିର୍ଦ୍ଧାରିତ ୧୨ ଓଭର ଖେଳି ୫ ଉଇକେଟ ବିନିମୟରେ ୮୭ ରନ୍ ସଂଗ୍ରହ କରିଥିଲା। ତେବେ ୨୨ ରନରେ ମୁଖୀଗୁଡା ଟିମ୍ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ମ୍ୟାଚରେ ଅମ୍ପିୟାର ଭାବେ ବରିଷ୍ଠ କ୍ରିକେଟର ହିରଣ୍ୟ ବେହେରା ଓ ଲୁନା ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ସ୍କୋରର ଅଜୁ ନାଏକ ରହିଥିବାବେଳେ ଖେଳର ଧାରାବିବରଣୀ ପ୍ରଶାନ୍ତ ଖିଲ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଏସଡିସି ସଦସ୍ୟ ତଥା ଜିଲ୍ଲା ବିଜେଡ଼ି ଏସଟିସେଲ ସଭାପତି ଇଂ. ଶୁଶିଲ କୁମାର ଶବର ଯୋଗଦେଇ ଥିଲେ। ଇଶାନ ପାଟଯୋଷୀ, ଘେନୁ ବେହେରା, ଗୋବିନ୍ଦ ପାନ, ସୁନିଲ୍ ପ୍ରଧାନ, ସାମ୍ବାଦିକ ଜଗଦୀଶ ନାଏକ, ତୁଳାରାମ ବେହେରା, ଦେବେନ୍ଦ୍ର ସାଗର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପବିଜେତା ଟିମ୍‌କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ମେନ୍ ଅଫ୍ ଦି ମ୍ୟାଚ୍ ମୁଖୀଗୁଡା ଟିମ୍‌ର ଅଜୟ ଦୁର୍ଗା ଓ ମ୍ୟାନ୍ ଅଫ୍ ଦି ସିରିଜ ଗୁଡୁ ନାଏକ, ବେଷ୍ଟ ବୋଲର ଟୁକୁନା ନାଏକ ଓ ବେଷ୍ଟ ଫିଲ୍ଡର ଭାବେ କୁସୁମଖୁଣ୍ଟି ଟିମ୍‌ର ଉମେଶ ବାଗ ବିବେଚିତ ହୋଇଥିଲେ। ଆୟୋଜକ ଅନୁଷ୍ଠାନର ତୋଫାନ କର, କ୍ଷୀରସିନ୍ଧୁ ସୁନାନୀ, ଭାଗ୍ୟବାନ ପୁଝାରୀ, ଲାବନ୍ୟା ବେହେରା, ଦୟା କର, ଡିଙ୍ଗର କର, ରକି ମାଝୀ, ହର କର, କିଶୋର ରେ‡ୀ, ତପନ କୁମାର ବେହେରା, ଲିଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହେଯାଗ କରିଥିଲେ।



# ସହରର ବିଭିନ୍ନ ସମସ୍ୟା ସମାଧାନ ନେଇ ଆଲୋଚନା

**କେସିଙ୍ଗା, ୨।୧ (ସମିସ):** କେସିଙ୍ଗା ସାମ୍ବାଦିକ ମହାସଂଘ ପକ୍ଷରୁ ସଭାପତି ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ କେସିଙ୍ଗା ପୁଲିସ ଷ୍ଟେସନ, ଜାତୀୟ ରାଜପଥ ବିଭାଗ, କେସିଙ୍ଗା ଏନ୍‌ଏସିକୁ ଯାଇ ନବବର୍ଷର ଅଭିନନ୍ଦନ ଜଣାଇବା ସହିତ ସହରରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ଥିଲା। ରାଜରାସ୍ତାରେ ମଦ୍ୟପ ମାନଙ୍କ ବେଲଗାମ ଗାଡ଼ି ମଟର ଚଳାଇବା ରାଜରାସ୍ତା ରେ ମଦବିକ୍ରି ,ନୂଆନୂଆ ଦୁଇ ଚକିଆ ଗାଡ଼ିମଟର ଆଣି ଶବ୍ଦ ପ୍ରଦୂଷଣ କରି ଦୃତ ଗତିରେ ଗାଡ଼ି ଚଳାଇବା, ଛୋଟ ଅଳ୍ପ ବୟସ୍କର ପୁଅ ଝିଅ ମାନେ ଗାଡ଼ିଚଲାଇବା, ମୋଟର ସାଇକେଲରେ ତିନି ଜଣ ବସି ଗାଡିଚଲାଇବା, ରାଜ ରାସ୍ତା ଉପରେ ବେଆଇନ ଗାଡ଼ି ପାର୍କିଂ, ରାଜରାସ୍ତା କଡ଼ରେ ବସିଥିବା ପନିପରିବା ବେପାରୀଙ୍କ ଉପଯୁକ୍ତ ଥଇଥାନ କରିବା ପାଇଁ ଥାନା ଅଧିକାରୀ ଓ ନଗର ପାଳ ଓ ଜାତୀୟ ରାଜପଥ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଡମ୍ବରୁଧର ଭୋଇ, ଯଯାତି କେଶରୀ ଦେଓ, ମହମ୍ମଦ ଆଗାଯାନ, ମନୋଜ ସିଂ, ଦୟା ସୁନାନୀ, ପ୍ରୀତିଶେ ପଟେଲ, ଶିବପ୍ରସାଦ ସାହୁ, ସଂଗ୍ରାମ କେଶରୀ ଦେଓ, ତେଜରାଜ୍ ସାହୁ, ମାଧବ ସାହୁ, ବିନୋଦ ଜୈନ୍, ମଧୁ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

# ଦନ୍ତାହାତୀ ଆକ୍ରମଣରେ ବୃଦ୍ଧ ମୃତ

**ତରଭା, ୨।୧(ସମିସ):** ନବବର୍ଷ ୨୦୨୪କୁ ସ୍ୱାଗତ ଜଣାଇ ଜନସାଧାରଣ ଖୁସି ମନାଉଥିବା ବେଳେ ତରଭା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ଗ୍ରାମର ଯଦୁନାଥ ସୁନା (୭୦)ଙ୍କ ଦନ୍ତାହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ଯେ, ସୋମବାର ରାତ୍ରି ୧୧.୪୦ରେ ଯଦୁନାଥ ଶୌଚ ପାଇଁ ତେଲନଦୀକୁ ଯାଇଥିଲେ। ଏହି ସମୟରେ ଏକ ବଣୁଆ ହାତୀ ବୌଦ୍ଧ ଜିଲ୍ଲା କଣ୍ଟାମାଳ ରେଞ୍ଜ ମଲିକୁଦ୍ ବିଟ୍ ଅଞ୍ଚଳରୁ ତେଲନଦୀ ପାର ହୋଇ ଆସିଥିଲା ଯଦୁନାଥ ସୁନା ଝାଡା ଯାଇଥିବା ସମୟରେ ହଠାତ୍ ବଣୁଆ ଦନ୍ତାହାତୀ ହାବୁଡ଼ରେ ପଡ଼ିଥିଲେ। ଦନ୍ତା ହାତୀ ଯଦୁନାଥଙ୍କ ଡାହାଣ ଗୋଡ଼କୁ ଦଳି ଦେଇଥିଲା। ନିକଟରେ ପାଟ୍ରୋଲିଂ କରୁଥିବା ସୋନପୁର ରେଞ୍ଜ କୁମ୍ଭାରମୁଣ୍ଡା ଫରେଷ୍ଟ ସେକସନ କର୍ମଚାରୀ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଗୁରୁତର ଆହତ ଯଦୁନାଥ ସୁନାଙ୍କୁ ବଲାଙ୍ଗିର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତର ଖାନାରେ ଚିକିତ୍ସିତ ଅବସ୍ଥାରେ ସେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ସେଠାରେ ଶବ ବ୍ୟବଚ୍ଛେଦ ପରେ ତାଙ୍କ ଗାଁକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଲିଙ୍ଗରାଜ ମୁଖାଗ୍ନି ଦେଇଥିଲେ।

ମଙ୍ଗଳବାର ସୁବର୍ଣ୍ଣପୁର ଡିଏଫଓ ମଦନଲାଲ୍ ଶର୍ମା, ସୋନପୁର ରେଞ୍ଜର୍ ସୁବାଷ ଚନ୍ଦ୍ର ମହାପାତ୍ର, କୁମ୍ଭାର ମୁଣ୍ଡା ବନପାଳ ଦୀନେଶ ପ୍ରସାଦ ମାଝୀ, ସୋନପୁର ବନପାଳ ଭକ୍ତବନ୍ଧୁ ମିଶ୍ର, ବ୍ରାହ୍ମଣୀ ସମିତି ସଭ୍ୟ ରାମ ସାହୁ ଏବଂ ସ୍ଥାନିୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଯଦୁନାଥ ସୁନାଙ୍କ ସ୍ତ୍ରୀ ଉଷା ସୁନାଙ୍କୁ ଅନୁକମ୍ପା ରାଶି ୬ ଲକ୍ଷର ଶତକଡା ୧୦ ଭାଗ ୬୦୦୦୦/-ଟଙ୍କା ନଗଦ ପ୍ରଦାନ କରିଥିଲେ। ଆବଶ୍ୟକୀୟ କାଗଜପତ୍ର ଦେଲା ପରେ ଅବଶିଷ୍ଟ ରାଶି ପ୍ରଦାନ କରାଯିବ ବୋଲି ଡିଏଫଓ କହିଛନ୍ତି। ବ୍ରାହ୍ମଣୀ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ ସାହୁ ଓ ସରପଞ୍ଚ କୁସୁଲେଶ୍ୱର ପାଣ୍ଡେ ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ଉଷା ସୁନାଙ୍କୁ ଦେଇଥଲେ। ଖବରପାଇ ସୋନପୁର ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ ପଠାଇଥିବା ୧୦ହଜାର ଟଙ୍କା ତରଭା ବ୍ଲକ ଅଧକ୍ଷ ସରୋଜ କମ୍ପ ମୃତ ସୁନାଙ୍କ ପତ୍ନୀଙ୍କୁ ପ୍ରଦାନ କରିବା ସହ ପରିବାରବର୍ଗଙ୍କୁ ଶାନ୍ତ୍ୱନା ପ୍ରଦାନ କରିଥିଲେ। କୁମ୍ଭାର ମୁଣ୍ଡା ସେକସନ ଷ୍ଟାଫ ବନରକ୍ଷୀ ଜୟନାରୟଣ ମିଶ୍ର, ବନମାଳୀ ପାଣ୍ଡେ, ପୁଷ୍ପାଞ୍ଜଳୀ ଭୋଇ, ପଙ୍କଜିନୀ ପୁଟା, ସ୍କ୍ୱାଡ୍ ଅଜିତ ରଣା, ସ୍ୱାଧୀନ ଦଳବେହେରା, କୁଞ୍ଜ କୁଅଁର, ଗୁପ୍ତେଶ୍ୱର ରଣା, ପୂର୍ବତନ ବ୍ଲକ ଅଧକ୍ଷ ଶତ୍ରୁଘ୍ନ ପୃଷ୍ଟି, ସୁବାଷ ସେଠୀ, ବ୍ରାହ୍ମଣୀ ସରପଞ୍ଚ କୁଶଳେଶ୍ୱର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। କୁମ୍ଭାରମୁଣ୍ଡା ବନପାଳ ଦୀନେଶ ପ୍ରସାଦ ମାଝୀ କାଗଜପତ୍ର ପ୍ରସ୍ତୁତ କରି ଅନୁକମ୍ପା ରାଶି ପାଇଁ ସର୍ଭେ କରି ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇଥିବା ଜଣାଯାଇଛି।

# ପଥପାର୍ଶ୍ୱ ବନୀକରଣ ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ଅଭିଯୋଗ



**ଶଗଡ଼ା, ୨।୧(ସମିସ):** ପରିବେଶକୁ ସୁସ୍ଥ ଓ ନିର୍ମଳ ରଖିବା ସହ ପଥିକମାନଙ୍କୁ ଛାଇ ଯୋଗାଇ ଦେବାକୁ ସରକାର ବନୀକରଣ ନାଁ ରେ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବୃକ୍ଷ ରୋପଣ କରୁଛନ୍ତି। ହେଲେ ଅଧିକାଂଶ ସ୍ଥାନରେ ଏହି ଯୋଜନା ବାଟବଣା ହୋଇଥିବା ବେଳେ ଫାଇଲ ପତ୍ରରେ ଯୋଜନା ସୀମିତ ରହୁଥିବା ଅଭିଯୋଗ ହୋଇଛି। ଯୋଜନାର ସୁଫଳ ଜନସାଧାରଣଙ୍କ ଅପେକ୍ଷା ଅଧିକାରୀଙ୍କୁ ଅଧିକ ଲାଭବାନ ହୋଇଥାଏ। ଏଭଳି ଏକ ଅଭିଯୋଗ ଆସିଛି ବୌଦ୍ଧ ବନଖଣ୍ଡ ଅଧିନ କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ବରଗାଁ ପଞ୍ଚାୟତରୁ। ତିଲକା ମାଲ ଠାରୁ ଶିମିଳି ଯୋରା ପର୍ଯ୍ୟନ୍ତ ୫କିମି ବ୍ୟାପି ରାସ୍ତାର ଉଭୟ ପାର୍ଶ୍ୱରେ ପଥପ୍ରାନ୍ତ ବନୀକରଣ ପାଇଁ ବନ ବିଭାଗ ପକ୍ଷରୁ ୨୦୨୦-୨୧ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ଗଛ ଗୁଡ଼ିକ ସତେ ଯେମିତି ରାସ୍ତା କଡ଼ରୁ ଉଭାନ ହୋଇଗଲା। ଏପରିକି ସୂଚନା ଫଳକରେ କେବଳ ସ୍ଥାନ, ଆର୍ଥିକ ବର୍ଷ ଉଲ୍ଲେଖ ଥିବା ବେଳେ ଅଟକଳ ପରିମାଣ ଲେଖା ଯାଇନାହିଁ। ବର୍ତ୍ତମାନ ଉକ୍ତ ରାସ୍ତାରେ କେବଳ ଅକ୍ଷୂର୍ଣ୍ଣ ଅବସ୍ଥାରେ ସୂଚନା ଫଳକ ଥିବା ଛଡ଼ା ଗୋଟେ ହେଲେ ଗଛ ଦେଖିବାକୁ ମିଳୁନାହିଁ। ଗଛ ନ ଥାଇ ମଧ୍ୟ ପ୍ରତି ବର୍ଷ ରକ୍ଷଣାବେକ୍ଷଣ ନାଁ ରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏଭଳି କଣ୍ଟାମାଳ ରେଞ୍ଜର ଅନେକ ସ୍ଥାନରେ ଯୋଜନାରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ଦୋଷୀ ଅଧିକାରୀ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଘଟଣା ସମ୍ପର୍କରେ କଣ୍ଟାମାଳ ରେଞ୍ଜର ଖୀରାବ୍ଧି ପ୍ରଧାନଙ୍କୁ ପଚାରିବାରୁ ତଦନ୍ତ ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ତେନ୍ତୁଳିଘାଟକୁ ଫେରିଲା ମେସିନ୍ ଡଙ୍ଗା

ସୋନପୁର, ୨।୧ (ସମିସ)



- ଡଙ୍ଗାରେ ମହାନଦୀ ବୁଲିବାକୁ ଲୋକେ ଉତ୍ସାହିତ
- ଡଙ୍ଗାରେ ରହିଛି ହସ୍ତତନ୍ତର ନିଦର୍ଶନ

ଦୁଇ ଦଶନ୍ଧି ପୂର୍ବରୁ ମହାନଦୀ ପାରି ହେବା ପାଇଁ ତେନ୍ତୁଳି ଘାଟରେ ସାରା ଦିନ ଲୋକଙ୍କ ଗହଳି ଲାଗୁଥିଲା। ସକାଳ ହୋଇ ନଥିବା ଯାତ୍ରୀ ଏବଂ ନାବିକ ମାନଙ୍କ ଶବ୍ଦରେ ବଡ ବଜାର ଅଞ୍ଚଳ ଫାଟି ପଡୁଥିଲା। ଯାତ୍ରୀ ବଢ଼ିବାରୁ ଶୀଘ୍ର ନଦୀ ପାରି କରିବା ପାଇଁ ନାବିକ ମାନେ ମେସିନ୍ ଡଙ୍ଗା ରଖିଲେ। ତେବେ ମହାନଦୀ ବ୍ରିଜ୍ ନିର୍ମାଣ ପରେ ଫେରିଘାଟ ବନ୍ଦ ହୋଇ ଯାଇଥିଲା। ୨୦୦୧ରେ ଫେରିଘାଟ ବନ୍ଦ ହେବା ପରେ ସ୍ଥାନୀୟ କେଉଟ ମାନେ ଡଙ୍ଗା ଗୁଡିକ ବିକ୍ରି କରି ଦେଇଥିଲେ। ଡଙ୍ଗାରେ ଯାତ୍ରୀଙ୍କ ଯାତାୟତ ବନ୍ଦ ହୋଇ ଯାଇଥିଲା। କିଛି ମାଛମରା ଡଙ୍ଗାକୁ ଛାଡି ଆଉ ବଡ ଡଙ୍ଗା ଦେଖିବାକୁ ମିଳୁନଥିଲା। ତେବେ ପର୍ଯ୍ୟଟକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ତେନ୍ତୁଳିଘାଟର ପବିତ୍ର ସାହୁ ପୁଣି ଏକ ମେସିନ୍ ଡଙ୍ଗା ଆଣିଛନ୍ତି। ୨୦ ବର୍ଷ ପରେ ତେନ୍ତୁଳିଘାଟକୁ ମେସିନ୍ ଡଙ୍ଗା ଫେରି ଥିବାରୁ ସ୍ଥାନୀୟ ଲୋକେ ଖୁସି ପ୍ରକାଶ କରିଛନ୍ତି। ତେବେ ଶୀତ ଦିନରେ ପର୍ଯ୍ୟଟକମାନେ ଏହି ଡଙ୍ଗାରେ ମହାନଦୀ ବୁଲିବା ପାଇଁ ଅଧିକ ଆଗ୍ରହ ଦେଖାଉଛନ୍ତି।

ତେବେ ଡଙ୍ଗାରେ ଛାଉଣୀ ମଧ୍ୟ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଡଙ୍ଗାରେ ସୋନପୁରର ଅନ୍ୟତମ କଳାକୃତି ହସ୍ତତନ୍ତର ନିଦର୍ଶନ ରହିଛି। ଡଙ୍ଗା ଉଭୟ ପାର୍ଶ୍ୱରେ ବାନ୍ଧ କଳାକୃତି ଶୋଭା ପାଉଛି। ଏହି ଡଙ୍ଗାକୁ ଜଣାଶୁଣା ବଢେଇ ଗୋପୀନାଥ ମହାଲିକ ନିର୍ମାଣ କରିଛନ୍ତି। ଦେଢ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏହା ନିର୍ମାଣ ହୋଇଥିବା ବେଳେ କାମ ସରିବାକୁ ପ୍ରାୟ ମାସେ ସମୟ ଲାଗିଥିଲା। ୨୩-୨୫ ଜଣ ପର୍ଯ୍ୟଟକ ବସିବା ପାଇଁ ଡଙ୍ଗାରେ ବ୍ୟବସ୍ଥା ରହିଛି। ଡଙ୍ଗାର ନାମ ମା ଲଙ୍କେଶ୍ୱରୀ ଡଙ୍ଗା ରଖା ଯାଇଛି। ତେନ୍ତୁଳିଘାଟରୁ ଘୋଡାଘାଟପଡ଼ା ଦେଇ ମା' ଲଙ୍କେଶ୍ୱରୀ ମନ୍ଦିରକୁ ବୁଲିଯିବା ପାଇଁ ଏହି ମେସିନ୍ ଡଙ୍ଗାରେ ପର୍ଯ୍ୟଟକ ମାନେ ଅଧିକ ପସନ୍ଦ କରୁଛନ୍ତି ବୋଲି ସିଦ୍ଧାର୍ଥ ସାହୁ କହିଛନ୍ତି।

ମନ୍ଦିର, ମଲ୍ଲୀ, ମଙ୍ଗ, ମଙ୍ଗା, ମାଛ, ମହାନଦୀ, ମଠା ଆଦିକୁ ନେଇ ସୋନପୁର ସହରର ସୁନାମ ରହିଛି। ସୋନପୁରର ନାବିକ ମାନେ ନୌଚାଳନାରେ ଖୁବ୍ ପାରଙ୍ଗମ ଥିଲେ। ପୂର୍ବକାଳରେ ବେପାର ବଣିଜର ମୁଖ୍ୟ ମାଧ୍ୟମ ଡଙ୍ଗା ହିଁ ସାଜିଥିଲା। ସୋନପୁରରୁ ବିଭିନ୍ନ ସାମଗ୍ରୀ ନେଇ କୈବର୍ତ୍ତମାନେ ଡଙ୍ଗାରେ ନେଇ କଟକ ଯାଉଥିଲେ। ତାହା ବିକ୍ରି କରି ପୂର୍ବ ଓଡ଼ିଶାର ବିଭିନ୍ନ ଦ୍ରବ୍ୟ ନେଇ ସୋନପୁରକୁ ଆସୁଥିଲେ। ମହାନଦୀ ବ୍ରିଜ୍ ହେବା ପୂର୍ବରୁ ଶହ ଶହ ଯାତ୍ରୀଙ୍କୁ ନେଇ ପୂର୍ଣ୍ଣ ଗର୍ଭା ମହାନଦୀରେ ଡଙ୍ଗା ଚାଳନା କରିବା ପାଇଁ ସ୍ଥାନୀୟ କୈବର୍ତ୍ତମାନେ ତିଳେ ମାତ୍ର ଭୟ କରୁନଥିଲେ। ସେତେବେଳେ ସୋନପୁରରେ ଶହ ଶହ ଡଙ୍ଗା ଥିଲା। ତେବେ ଏହି ସଂଖ୍ୟା ଏବେ ୧୦-୨୦କୁ ହ୍ରାସ ପାଇଛି। କିଛି କୈବର୍ତ୍ତ ମାଛ ମାରିବା ପାଇଁ ଡଙ୍ଗା ବ୍ୟବହାର କରୁଥିବା ବେଳେ କେତେକ ମହାନଦୀରେ ପର୍ଯ୍ୟଟକ ମାନଙ୍କୁ ବୁଲାଇବା ପାଇଁ ଡଙ୍ଗା ରଖିଛନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଆମେ ନୂଆ ମେସିନ ଡଙ୍ଗାଟିଏ ଆଣିଲୁ ବୋଲି ସିଦ୍ଧାର୍ଥ କହିଛନ୍ତି। ଏହି ଡଙ୍ଗା ଲୋକଙ୍କୁ ଖୁବ୍ ଆକର୍ଷିତ କରୁଛି।

■ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

# ହରଭଙ୍ଗା ବ୍ଲକ୍‌ରୁ ଗଲା ମାଁ ଭୈରବୀଙ୍କ ଦିବ୍ୟଜ୍ୟୋତି

**ହରଭଙ୍ଗା, ୨।୧ (ସମିସ) :** ୧୯୯୪ ମସିହା ଜାନୁଆରୀ ୨ତାରିଖରେ ବୌଦ୍ଧ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିଲା। ଏହି ଦିନକୁ ମନେ ରଖିବାପାଇଁ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୨୪କୁ ନେଇ ଚଳଚଞ୍ଚଳ ବୌଦ୍ଧ ଜିଲ୍ଲା ଓ ମହୋତ୍ସବ ପଡ଼ିଆ। ଉକ୍ତ ମହୋତ୍ସବ ଅବସରରେ ବୌଦ୍ଧ ଜିଲ୍ଲା ଅଧିଷ୍ଠାତ୍ରୀ ଦେବୀ ପୁରୁଣାକଟକ ବାସିନୀ ମା' ଭୈରବୀଙ୍କ ପୀଠରୁ ହରଭଙ୍ଗା ବ୍ଲକ ପ୍ରଶାସନ ମହା ଆଡମ୍ବର ରେ ମା'ଙ୍କ ଦିବ୍ୟ ଜ୍ୟୋତି ମହୋତ୍ସବ ପଡ଼ିଆକୁ ନେଇଥିଲେ। ପ୍ରଥମେ ବ୍ଲକ ଅଧିକାରୀ ସ୍ୱପ୍ନିତା ନାଏକଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ଲୋକ କଳା, କୃଷ୍ଣଗୁରୁ, ଦଣ୍ଡ ନାଚ, ଢୋଲ, ନିଶାଣ ସହିତ ଏକ ବିରାଟ ପଟୁଆର ମଶାଲ ଶୋଭାଯାତ୍ରାରେ ବ୍ଲକ ପରିସରରୁ ବାହାରି ମା' ଭୈରବୀଙ୍କ ପୀଠରେ ପହଞ୍ଚିଥିଲେ। ମା' ଭୈରବୀଙ୍କ ଦିବ୍ୟ ପ୍ରତିମା ରେ ରୀତିନୀତି ଅନୁଯାଇ



ପୂଜାର୍ଚ୍ଚନା କରି ହରିବୋଲ ହୁଳହୁଳି, ଘଣ୍ଟ, ଶଙ୍ଖରେ ମା'ଙ୍କ ଦିବ୍ୟ ଜ୍ୟୋତି ଓ ମଶାଲକୁ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ ଅବସ୍ଥାପିତ କରି ଶୁଭ ଉଦ୍‌ଘାଟନ କରାଯାଇଥିଲା। ଉକ୍ତ ମଶାଲ ଶୋଭାଯାତ୍ରାରେ ବିଡ଼ିଓଙ୍କ ସମେତ ହରଭଙ୍ଗା ତହସିଲଦାର ଶିବାନୀ ଦାସ, ବ୍ଲକସ୍ତରୀୟ ସମସ୍ତ ଅଧିକାର ଓ କର୍ମଚାରୀ, ଜନପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ଥିଲେ।

# ବୌଦ୍ଧ ଜିଲ୍ଲା ବିକାଶ ଗର୍ଜନ ସେନା ତରଫରୁ ବୌଦ୍ଧ ଦିନ୍ ପାଳିତ



**ବୌଦ୍ଧ, ୨।୧ (ସମିସ):** ଜାନୁଆରୀ ୨ ତାରିଖ ବୌଦ୍ଧ ଜିଲ୍ଲାର ପ୍ରତିଷ୍ଠା ଦିବସକୁ ବୌଦ୍ଧ ଦିନ ଭାବରେ ବୌଦ୍ଧ ଜିଲ୍ଲା ବିକାଶ ଗର୍ଜନ ସେନା ତରଫରୁ ସହରର ବୁଦ୍ଧ ପାର୍କରେ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗର୍ଜନ ସେନା ସଭାପତି ବାଲ୍ମିକୀ ମହାକୁଡ ସଭାପତିତ୍ୱ କରିଥିବା ବେଳେ ବ୍ରଜ ବିହାରୀ ମହାକୁଡ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଦେବାଶିଷ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ। ମୁଖ୍ୟଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାସ ଯୋଗ ଦେଇ ଯୁବକ ମାନଙ୍କ ଦ୍ୱାରା ହିଁ ବୌଦ୍ଧ ଜିଲ୍ଲା ବିକଶିତ ହେବା ସହ ନିଜର ଐତିହ୍ୟ ସଂସ୍କୃତିକୁ ବଞ୍ଚାଇ ରଖାଯାଇ ପାରିବେ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟକାର ହରିହର ପ୍ରଧାନ ଯୋଗଦେଇ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ବୌଦ୍ଧର ଅବଦାନ ଅତୁଳୀୟ ବୋଲି ମତ ଦେଇଥିଲେ। ବୌଦ୍ଧ ଦିନ ଉପଲକ୍ଷେ ସମଗ୍ର ବୌଦ୍ଧ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଏବଂ ଗ୍ରାମ ମାନଙ୍କରେ ଯୁବ ସଂକଳ୍ପ ଉତ୍ସବ ପାଳନ କରାଯିବା ସହିତ କବିତା ଲିଖନ, ରଚନା ଲିଖନ ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାଟ୍ୟକାର ହରିହର ପ୍ରଧାନଙ୍କୁ ସାହିତ୍ୟ, କଳା ସଂସ୍କୃତିରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ବୌଦ୍ଧ ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିବାବେଳେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ରାହୁଲ୍ ଭୋକ୍ତା, ସାଇଓଁ ଖଡ଼ିରତ୍ନ, ସୁମନ୍ ପାତ୍ର, ବର୍ଷା ହାତୀ, ଲିଲି ସାହୁ, ଚିନ୍ମୟୀ ସେଠୀ, ରିମା ସେଠୀ, ଦେବାର୍ଚ୍ଚନ ପ୍ରଧାନ, ବାଦଲ ସେଠୀ, ସୁପ୍ରିୟା ପ୍ରଧାନ, ତୃପ୍ତିରେଖା ସାହୁ ପ୍ରମୁଖଙ୍କ ପୁରସ୍କୃତ କରାଯାଇଥିଲା। ରାଜେଶ ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସ୍କୁଲ୍ ସାମଗ୍ରୀ ଚୋରି ଅଭିଯୋଗ

**ହରଭଙ୍ଗା, ୨।୧ (ସମିସ):** ହରଭଙ୍ଗା ଥାନା ତିରୋଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିନା ଅନୁମତିରେ ବିଦ୍ୟାଳୟରେ ଥିବା ପୁରୁଣା ସାମଗ୍ରୀକୁ ବିକିଦେଇଥିବା ନେଇ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟିର ଅନ୍ୟ ସଦସ୍ୟ ମାନେ ହରଭଙ୍ଗା ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିବା ଜଣା ପଡ଼ିଛି। ସୂଚନା ମତେ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ଚାଲିଥିବା ବେଳେ ପୂର୍ବରୁ ପୁରୁଣା କୋଠାର ଆଜବେଷ୍ଟସ, ରାଉଟର, କବାଟ, ଝରକା ଏପରିକି ଜାଳେଣୀ କାଠକୁ ଛୁଟି ଦିନରେ ବିଦ୍ୟାଳୟ ର ପରିଚାଳନା କମିଟିର ସଭାପତି ସନ୍ତୋଷ ଡାଲୁଆ ବାହାରେ ବିକ୍ରି କରିଦେଇଥିଲେ। ଏକଥା ଜାଣିବା ପରେ ଘଟଣା ସମ୍ପର୍କରେ ସଭାପତିଙ୍କୁ ପଚାରିବାରୁ କିଛି ଜାଣି ନଥିବା ପ୍ରକାଶ କରିଥିଲେ। ଯାହା ଫଳରେ ସଭାପତିଙ୍କ ମନମୁଖୀ କାର୍ଯ୍ୟକଳାପକୁ ସନ୍ଦେହ କରି ହରଭଙ୍ଗା ଥାନାରେ ପ୍ରଧାନ ଶିକ୍ଷକ ନାରାୟଣ ବେହେରା ଲିଖିତ ଅଭିଯୋଗ କରିଛନ୍ତି। ହରଭଙ୍ଗା ପୁଲିସ୍ ସନ୍ତୋଷଙ୍କୁ ଥାନାକୁ ଆଣି ପଚରା ଉଚରା ଚଳାଇଛି।

# ସୁବର୍ଣ୍ଣପୁର ରେଳ ଷ୍ଟେସନ୍‌ରେ ଲୋକଙ୍କ ଗହଳି



**ସୋନପୁର, ୨।୧ (ସମିସ):** ନୂତନ ଭାବେ ନିର୍ମିତ ସୋନପୁର ରେଳ ଷ୍ଟେସନ୍‌ରେ ଲୋକଙ୍କ ପ୍ରବଳ ଗହଳି ଲାଗିଛି। ସୋନପୁରକୁ ରେଳ ଚଳାଚଳ କରିବା ଏହା ଜାଣି ଅଞ୍ଚଳବାସୀ ଉତ୍‌ଫୁଲ୍ଲିତ ହୋଇଛନ୍ତି। ସୋନପୁର ତଥା ବିଭିନ୍ନ ଗାଁର ଲୋକେ ଷ୍ଟେସନ୍‌ରେ ଭିଡ ଜମାଉଛନ୍ତି। ଶୀତ ଋତୁରେ ପର୍ଯ୍ୟଟନସ୍ଥଳ ବୁଲିବା ଭଳି ଅପରାହ୍ନ ହେଲେ ଷ୍ଟେସନ୍‌ରେ ହଜାର ହଜାର ଲୋକଙ୍କ ଗହଳି ଲାଗୁଛି। ଲାଇଟ୍, ପାଣି ଆଦି ଆନୁସଙ୍ଗିକ ବ୍ୟବସ୍ଥା ହୋଇ ଯାଇଥିବାରୁ ଷ୍ଟେସନ୍‌ରେ ଗହଳି ଦେଖିଲେ ଟ୍ରେନ୍ ଯାତାୟତ କଲା ଭଳି ଅନୁଭବ ହେଉଛି। ତେବେ ଲୋକେ ବିଭିନ୍ନ ସ୍ଥାନରେ ଦଳ ଦଳ ହୋଇ ଫଟୋ ଉଠାଉଛନ୍ତି। ସବୁଠୁ ଅଧିକ ଗହଳି ଲାଗୁଛି 'ମୋର୍ ସୋନପୁର ମୋତେ ସୁନ୍ଦର୍' ଲେଖାଥିବା ସେଲଫି ପଏଣ୍ଟରେ। ଛନ୍‌ଛାନ୍ ଡୁଙ୍ଗୁରୀ ପାହାଡକୁ ଚିରି ନିର୍ମାଣ ହୋଇଥିବା ରେଳ ଧାରଣା ଅଧିକ ସୁନ୍ଦର ହୋଇଛି। ଜାନୁଆରୀ ୧୦ରେ ଟ୍ରେନ୍ ଚଳାଚଳ କରିବାର ସମ୍ଭାବନା ଥିବାରୁ ଟ୍ରେନ୍ ଷ୍ଟେସନ୍‌କୁ ସୁନ୍ଦର ଭାବେ ସଜ୍ଜିତ କରାଯାଉଛି।

ହାତୀ ଉପଦ୍ରବ ନେଇ ଆନ୍ଦୋଳନ

# ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକ

ଶଗଡ଼ା, ୨।୧(ସମିସ)



କଣ୍ଟାମାଳ ଥାନା ଅନ୍ତର୍ଗତ ଉଦେପୁର ଗ୍ରାମଠାରେ ଜଙ୍ଗଲୀ ହାତୀ ଉପଦ୍ରବ ନେଇ ମଙ୍ଗଳବାର ଦିନ ସକାଳ ୬ଟାରୁ ଗ୍ରାମବାସୀ ରାସ୍ତାରୋକ କରିଥିଲେ। କଣ୍ଟାମାଳ - ତିଳକାମାଳ ମୁଖ୍ୟ ରାସ୍ତାର ଉଦେପୁର ଠାରେ ରାସ୍ତାରୋକ କରାଯିବା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମଟର ଅଟକି ରହିଥିଲା। ଫଳରେ ଯାନବାହାନ ଚଳାଚଳ ଦୀର୍ଘ ୧୦ ଘଣ୍ଟା ଧରି ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ସୂଚନା ଅନୁସାରେ, କଣ୍ଟାମାଳ ଥାନା ଅନ୍ତର୍ଗତ ଉଦେପୁର ଗ୍ରାମ ଅଞ୍ଚଳରେ ଏକ ଜଙ୍ଗଲୀ ଦନ୍ତା ହାତୀ ୩ ଦିନ ହେଲା ଉପଦ୍ରବ କରୁଛି। ଗ୍ରାମ ନିକଟ ଜଙ୍ଗଲରେ ରହୁଥିବା ଜଙ୍ଗଲୀ ଦନ୍ତା ହାତୀ ଗତ କାଲି ଦିନ ସମୟରେ ଗ୍ରାମ ମଧ୍ୟରେ ପଶିଯାଇ ଗ୍ରାମର ୫ଟକୁ ହରିପାଲ, ବୈଦ୍ୟନାଥ ଭୋଇ ଓ ରାଧେଶ୍ୟାମ ସାହୁ ଆଦି ତିନିଜଣଙ୍କ ଘର ଭାଙ୍ଗିବା ସହ ଘରେ ରଖାଯାଇଥିବା ଧାନ ଚାଉଳ ଖାଇ ନଷ୍ଟ କରିଥିବା ଅଭିଯୋଗରୁ ଜଣାଯାଇଛି। ସନ୍ଧ୍ୟା ସୁଦ୍ଧା ବହୁ ପରିଶ୍ରମ ପରେ ବନ ବିଭାଗ କର୍ମଚାରୀମାନେ ଜଙ୍ଗଲୀ ଦନ୍ତା ହାତୀକୁ ତେଲନଦୀ ପାର କରାଇ ସୋନପୁର ଜିଲାକୁ ଘଉଡ଼ାଇ ଦେଇଥିଲେ। ମାତ୍ର ସୋମବାର ରାତିରେ ଜଙ୍ଗଲୀ ଦନ୍ତା ହାତୀଟି ଆଉ ଥରେ ନଦୀ ପକ୍ଷରି ହୋଇ ଉଦେପୁର ଗ୍ରାମ ନିକଟ ଜଙ୍ଗଲକୁ ଫେରି ଆସିଛି। ହାତୀର ଫେରିବାକୁ ନେଇ ଆତଙ୍କିତ ଉଦେପୁର ଗ୍ରାମବାସୀ ଆଜି ସକାଳୁ କଣ୍ଟାମାଳ -ତିଳକାମାଳ ରାସ୍ତାର ଉଦେପୁରଠାରେ ରାସ୍ତା ରୋକ କରିଥିଲେ। ଜଙ୍ଗଲୀ ଦନ୍ତା ହାତୀ ଦ୍ୱାରା ହୋଇଥିବା କ୍ଷୟ କ୍ଷତିର ଆକଳନ କରି କ୍ଷତିଗ୍ରସ୍ତଙ୍କୁ ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବା, ଗ୍ରାମରେ ସୋଲାର ଲାଇଟ ବ୍ୟବସ୍ଥା ଓ ହାତୀ ଦାଉରୁ ରକ୍ଷା ପାଇଁ ସ୍ଥାୟୀ ବ୍ୟବସ୍ଥା ଆଦି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ କଣ୍ଟାମାଳ ପୁଲିସ ସହ ଭାରପ୍ରାପ୍ତ କଣ୍ଟାମାଳ ରେଞ୍ଜର ତଥା ଏସିଏଫ କ୍ଷୀରାବ୍ଧି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଥିଲେ ହେଁ ବୌଦ୍ଧ ବନଖଣ୍ଡ ଅଧିକାରୀ ଆଲୋଚନା ପାଇଁ ନ ଆସିଲେ ରାସ୍ତାରୁ ହଟିବୁ ନାହିଁ ବୋଲି ଲୋକେ ନିଜ ଜିଦରେ ଅଟଳ ଥିଲେ। ପରେ ଅପରାହ୍ନ ୪ଟା ସମୟରେ ବୌଦ୍ଧ ଡ଼ିଏଫଓ ଦେବପ୍ରିୟ କମ୍ପ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକ ହଟିଥିଲା। ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ହାତୀଟି ଗ୍ରାମ ନିକଟ ଉଦେପୁର ଜଙ୍ଗଲରେ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ପଏଁରୀ ତିହାର-୨୦୨୪ ଉଦ୍‌ଘାଟିତ

**ସୋନପୁର, ୨।୧(ସମିସ):** ସ୍ଥାନୀୟ ଟାଉନ୍ ହଲଠାରେ ୩ ଦିନିଆ ପଏଁରୀ ତିହାର- ୨୦୨୪ ଉଦ୍‌ଘାଟିତ ହୋଇ ଯାଇଛି। ନବ ବର୍ଷର ପ୍ରଥମ ସନ୍ଧ୍ୟାରେ ଧୁମ୍ ଜମିଲା ଲୋକ ସଙ୍ଗୀତ ଏବଂ ନୃତ୍ୟ। ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସାଂସ୍କୃତିକ ଦଳ ନାଚ, ଗୀତ ପରିବେଷଣ କରିଥିଲେ। ତେବେ ଆସାମର ବିହୁ ନୃତ୍ୟ ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନ ମୋହିଥିଲା। ତେବେ ବଲାଙ୍ଗିରର

- ୩ ଦିନ ଧରି ଦୁଲୁକିବ ସୁବର୍ଣ୍ଣପୁର



ରସରକେଲି ଏବଂ ସୋନପୁର ପଏଁରୀର ନଚନିଆଁ ନାଚରେ ମଧ୍ୟ ଦର୍ଶକ ଝୁମି ଯାଇଥିଲେ। ଦିନ ୧୦ଟାରେ ସାଂସ୍କୃତିକ ଦଳ ମାନଙ୍କୁ ନେଇ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକ ସଙ୍ଗୀତରୁ ଆରମ୍ଭ ହୋଇଥିଲା। ପଦ୍ମଲୋଚନ ସାହୁ, ହରିଓଁ କୁଶଳ, ପ୍ରମୁଖ ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଗୋଟିଏ ପରେ ଗୋଟିଏ ସୁମଧୁର ସଙ୍ଗୀତ ଲୋକଙ୍କୁ ପରସି ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ନୃତ୍ୟ ଗବେଷିକା ଡ. ମଞ୍ଜୁଶ୍ରୀ ପଣ୍ଡାଙ୍କୁ ପଏଁରୀ ସମ୍ମାନ ପ୍ରଦାନ କରାଯାଇ ଥିଲା। ଶେଷ ସନ୍ଧ୍ୟାରେ ହରିଆନା, ପଞ୍ଜାବ, ପଶ୍ଚିମବଙ୍ଗର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ବିମଳେନ୍ଦୁ ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ପ୍ରଫେସର ନୀଳାମ୍ବର ଶତପଥୀ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଲଡୁକିଶୋର ମଲ୍ଲିକ, ଉପସଭାପତି ପ୍ରଫୁଲ୍ଲ ନାଏକ, ସହ ସମ୍ପାଦକ ପୃଥ୍ୱୀରାଜ ବାଘ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ସନ୍ତୋଷ ମିଶ୍ର, ସନ୍ତୋଷ ପାଢ଼ୀ, ଅମିତ ସାହୁ, ସୌମ୍ୟରଞ୍ଜନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିକାଶ ପଥରେ ବଲାଙ୍ଗିର ଜିଲ୍ଲା

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ ଓ କ୍ରୀଡ଼ାକୁ ଗୁରୁତ୍ୱ







ସଜେଇ ହୋଇଛି ସୁକ୍‌ତେଲ ପ୍ରକଳ୍ପ

**ବଲାଙ୍ଗିର, ୨ା୧(ସମିସ)**

ବଲାଙ୍ଗିର ଗସ୍ତରେ ଆସି ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୦୫ କୋଟି ଟଙ୍କା ବିନିଯୋଗରେ ୬୯ଟି ସମ୍ପୂର୍ଣ୍ଣ ଜନହିତକର ପ୍ରକଳ୍ପକୁ ଉଦଘାଟନ କରିବେ। ଏହାମଧ୍ୟରେ ଫୋକସ୍‌ରେ ରହିଛି ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ। ଆହୁରି ୧୧୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଯାହାର ବ୍ୟୟ ଅଟକଳ ୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରହିଥିବା ଜଣାପଡ଼ିଛି।

ବୁଧବାର ବୃହତ ଜଳସେଚନ ପ୍ରକଳ୍ପ ଜିଲ୍ଲାର ମାଗୁରବେଡାସ୍ଥିତ ଲୋୟର ସୁକତେଲ ପ୍ରକଳ୍ପ ଲୋକାର୍ପଣ ହେଉଛି। ଏହି ସ୍ଥାନରେ ଏକ ପ୍ରକଳ୍ପ ନିରୀକ୍ଷଣ ବଙ୍ଗଳା ନିର୍ମାଣ କରାଯିବ, ଯାହାର ବ୍ୟୟ ଅଟକଳ ୧୨ କୋଟି ଟଙ୍କା ରହିଛି। ସେହିପରି ମଧ୍ୟମ ଜଳସେଚନ କ୍ଷେତ୍ରରେ ବଲାଙ୍ଗିର ଜିଲ୍ଲାର ଗୁଡଭେଲା, ଟିଟିଲାଗଡ଼, ଲୋଇସିଂହା, ପାଟଣାଗଡ଼, ଆଗଲପୁର ବ୍ଲକରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ହେବ। ପାନୀୟଜଳ ଯୋଗାଣ ପାଇଁ ସଇଁତଲା ଓ ବେଲପଡ଼ା ବ୍ଲକରେ ମେଗା ପାଇପ ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ।

ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ବ୍ଲକରେ ହସ୍ପିଟାଲର ଉନ୍ନତିକରଣ କରାଯିବ। ଏହାସହ ବଲାଙ୍ଗିର ଜିଲ୍ଲା ଆୟୁର୍ବେଦିକ ହସ୍ପିଟାଲର ଉନ୍ନତିକରଣ କରାଯିବ। ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବଲାଙ୍ଗିର ଜିଲ୍ଲା ଗୁଡଭେଲା, ସଇଁତଲା, ଖପ୍ରାଖୋଲ, ବେଲପଡ଼ା, ପାଟଣାଗଡ଼, ଦେଓଗାଁ, ବଙ୍ଗୋମୁଣ୍ଡା, ମୁରିବାହାଲ, ଟିଟିଲାଗଡ଼, ତୁଷୁରା, ପାଟଣାଗଡ଼, କଣ୍ଟାବାଞ୍ଜି ବ୍ଲକରେ ବିଭିନ୍ନ ସ୍କୁଲର ଉନ୍ନତିକରଣ, ଛାତ୍ରାବାସ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।

ଐତିହ୍ୟ ତଥା ପର୍ଯ୍ୟଟନର ସୁରକ୍ଷା ପାଇଁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।



ଯେଉଁଥିରେ ଟିଟିଲାଗଡ଼ କୁମୁଡା ପାହାଡର ଉନ୍ନତିକରଣ, ବଲାଙ୍ଗିର ସହରସ୍ଥିତ ସମଲେଶ୍ୱରୀ, ପାଟଣେଶ୍ୱରୀ, ଗୋପାଳଜୀ ମନ୍ଦିରର ଉନ୍ନତିକରଣ, ଯୋଗୀସର୍ଡା ମନ୍ଦିରର ଉନ୍ନତିକରଣ, ତୁଷୁରା ସମଲେଇ ମନ୍ଦିରର ଉନ୍ନତିକରଣ, କଳାମଣ୍ଡଳ ପଡ଼ିଆ, ଧରମ ସିଂ ମାଝୀ ମାନ୍ଧାତା ଓ ଜରାସିଂହା ପାଟଖଣ୍ଡା ମନ୍ଦିରର ଉନ୍ନତିକରଣ କରାଯିବ। ଗ୍ରାମ୍ୟ ସଡକ ଏବଂ ସେତୁ ନିର୍ମାଣ ଯୋଜନାରେ ବିଭିନ୍ନ ପଞ୍ଚାୟତର ଗାଁଗୁଡ଼ିକୁ ରାସ୍ତା ଓ ବ୍ରିଜ ନିର୍ମାଣ କରାଯିବ। କ୍ରୀଡା କ୍ଷେତ୍ରରେ ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂ ଦେଓ କ୍ରୀଡା ପ୍ରାଙ୍ଗଣରେ ଲନ ବଲ କୋର୍ଟ ନିର୍ମାଣ କରାଯିବ ବୋଲି ସୂଚନା ରହିଛି।

## ଅଲିଭା ହୋଇ ରହିବ ବିସ୍ଥାପିତଙ୍କ ତ୍ୟାଗ

ସେ ଗାଁ ବରଗଛ, ସେ ଦିଅଁଙ୍କ ମନ୍ଦିର, ସେଇ ରାସ୍ତାଘାଟ, ସ୍କୁଲ, ଚାଳଛପର ଘର ଆଜିବି ରହିଛି। ମୌନ ହୋଇପଡ଼ିଥିବା ସେ ଗାଁ ମନେପକାଇ ଦେଉଛି ବିସ୍ଥାପିତଙ୍କ ତ୍ୟାଗ। ବଲାଙ୍ଗିର ଜିଲ୍ଲାର ୨୮ଟି ଗାଁ ସବୁଦିନ ପାଇଁ ମାନଚିତ୍ର ରୁ ହଜିଥିବାବେଳେ ଗାଁ ବାସୀଙ୍କ ବଳିଦାନ କିନ୍ତୁ ସବୁଦିନ ପାଇଁ ଅମର ହୋଇ ରହିବ। ଲୋୟର ସୁକତେଲ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଗ୍ରାମବାସୀଙ୍କୁ କ୍ଷତିପୂରଣ ଦେବା ସହିତ ତାଙ୍କର ଥଇଥାନ ପାଇଁ ସମସ୍ତପ୍ରକାର ବ୍ୟବସ୍ଥା କରାଯାଇଛି। ଆରଆର କଲୋନୀ ନିର୍ମାଣକରି ତହିଁରେ ବିସ୍ଥାପିତଙ୍କୁ ଜମି, ଘର ପ୍ରଦାନ କରାଯାଇଛି। ସେହିଭଳି ତାଙ୍କର ଭାବାବେଗକୁ ସମ୍ମାନ ଜଣାଇ ମନ୍ଦିର ମଧ୍ୟ ତୋଳାହୋଇଛି। ବିଳମ୍ବରେ ହେଲେବି ବିସ୍ଥାପିତମାନେ ଜନକଲ୍ୟାଣ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ପାଇଁ ନିଜର ସର୍ବସ୍ୱ ତ୍ୟାଗ କରିଛନ୍ତି। ଲୋୟର ସୁକ୍‌ତେଲର ସଫଳ କାହାଣୀରେ ବିସ୍ଥାପିତଙ୍କ କଥା ସବୁଦିନ ପାଇଁ ଅମର ହୋଇ ରହିବ।





ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଦମ୍ପତି ସଞ୍ଜୟ ମେହେର ଏବଂ ସସ୍ମିତା ମେହେର ରାଜ୍ୟପାଳ ରଘୁବର ଦାସଙ୍କୁ ନବବର୍ଷରେ ଶୁଭେଚ୍ଛା ଜଣାଇବା ସହ ବାନ୍ଧକଳାରେ ତିଆରି ପ୍ରଭୁ ଶ୍ରୀଗଣେଶଙ୍କ ପ୍ରତିକୃତି ଏବଂ ସମ୍ବଲପୁରୀ ରୁମାଲ ଉପହାର ଦେଉଛନ୍ତି।

କଥା ଆର୍ କଥାନୀ ପତ୍ରିକାର ଉନ୍ମୋଚନ ଉତ୍ସବ

## ଭାବ ଓ ଭାଷାର ମିଳନ ହିଁ ଉତ୍କୃଷ୍ଟ ସାହିତ୍ୟ

**ବରଗଡ଼, ୨ା୧(ସମିସ):** ଭାଷା ଓ ଭାବର ଅପୂର୍ବ ମିଳନ ସାହିତ୍ୟକୁ ସମୃଦ୍ଧ କରିଥାଏ। ଉନ୍ନତ ବିଚାର ସହିତ କଳ୍ପନାର ସୁଷମ ବିନ୍ୟାସ ସାରସ୍ୱତ କ୍ଷେତ୍ରକୁ ଜୀବନ୍ୟାସ ଦେଇଥାଏ ବୋଲି ଷଣ୍ମାଷିକ ସମ୍ବଲପୁରୀ ସାହିତ୍ୟ ପତ୍ରିକା କଥା ଆର୍ କଥାନିର ତୃତୀୟ ସଂଖ୍ୟା ଉନ୍ମୋଚନ ଉତ୍ସବରେ ବକ୍ତାଗଣ ମତ ପ୍ରକାଶ କରିଥିଲେ। ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରରେ ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରୀ ସାହିତ୍ୟ ପରିଷଦ ବରଗଡ଼ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ତେଜରୁ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟଅତିଥି ପ୍ରାକ୍ତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ପତ୍ରିକାର ଉନ୍ମୋଚନ ସହ ସମ୍ବଲପୁରୀ ଭାଷାରେ ଉନ୍ନତ ଗଦ୍ୟ ସୃଜନକୁ ଭୂୟସୀ ପ୍ରଶଂସା କରିଥିଲେ। ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ କଥାନୀଗୁଡିକର ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ଶରତଚନ୍ଦ୍ର ପାଢ଼ୀ ସ୍ୱରଚିତ ଗୀତ ଗାନ କରିଥିଲେ। କଥାକାର ନରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କଥାକାର ଧନପତି ମହାପାତ୍ର, ରୋହିତ ଦାଶ, ମନୋରଞ୍ଜନ ସାହୁ, ଡ ରବିନାରାୟଣ ସାହୁ, ବୃନ୍ଦାବନ ସାହୁ, ଡ. ଅଶୋକ ମହାପାତ୍ର, ପତିତପାବନ ସାହୁ, ଅଧ୍ୟାପକ ରାମଚନ୍ଦ୍ର ସାହୁ, କବି ଉମେଶ ପ୍ରଧାନ, ପ୍ରବୀଣ ସାହୁ, ସଙ୍ଗୀତା ପଣ୍ଡା ଷଡଙ୍ଗୀ, ଅଳକା ଦାଶ, ଭୂମିସୂତା ସାହୁ, ପୁଷ୍ପାଞ୍ଜଳି ପଣ୍ଡା, ନମିତା ଯାଦବ, କୁମୁଦ ବାରିକ, ଦୁଃଖିସେବକ ସାହୁ ଉପସ୍ଥିତ ଥିଲେ।



## ସମ୍ବଲପୁରୀ ଭାଷାରେ ଅନୁବାଦିତ ହେଲା ବାଇବେଲ୍




**ବରଗଡ଼, ୨ା୧(ସମିସ):** ଖ୍ରୀଷ୍ଟିୟାନମାନଙ୍କ ପବିତ୍ର ଧର୍ମଗ୍ରନ୍ଥ ବାଇବେଲ ପ୍ରଥମ କରି ସମ୍ବଲପୁରୀ ଭାଷାରେ ଅନୁବାଦ କରାଯାଇଛି। ଏନେଇ ମଙ୍ଗଳବାର ବରଗଡ଼ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ବାଇବେଲର ପ୍ରଥମ ସୋପାନ ଭାବେ ସମ୍ବଲପୁରୀ ଭାଷାରେ ପ୍ରଥମ ଅନୁବାଦ ନୂଆ ନିୟମର ଲୋକାର୍ପଣ ହୋଇଥିଲା। ଏ ଅବସରରେ ପଦ୍ମଶ୍ରୀ ହଳଧର ନାଗ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, କ୍ରିଷ୍ଟା ବିକାଶ ଗୃପର ଅଧ୍ୟକ୍ଷ ଡି ମୁରଲୀକ୍ରିଷ୍ଣା ପ୍ରମୁଖ ଅତିଥି ସମ୍ବଲପୁରୀ ଭାଷାରେ ଅନୁବାଦିତ ବାଇବେଲକୁ ଉନ୍ମୋଚନ କରିଥିଲେ। ପାଳକ ଅନୁସରଣ ତାଣ୍ଡି, ପାଳକ ଧନଞ୍ଜୟ ନନ୍ଦ, ପାଳକ ଦିଲୀପ ରଞ୍ଜନ ନାଗ, ପାଳକ ସୁକାନ୍ତ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଇଣ୍ଡିଏନ ବାଇବେଲ ଟ୍ରାନସଲେଟରସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଖ୍ରୀଷ୍ଟଧର୍ମାବଲମ୍ବୀ ସାମିଲ ହୋଇଥିଲେ।

## ଖଇରଗୁଡ଼ାରେ କନ୍ଧ ସମ୍ପ୍ରଦାୟର କିଲୋ ପୂଜା

**ବଲାଙ୍ଗିର,୨ା୧(ସମିସ):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଖଇରଗୁଡ଼ା ସୁଲିଆ ପୂଜାକୁ ଆଉ କିଛି ଦିନ ବାକି ଥିବା ବେଳେ ମଙ୍ଗଳବାର ଏକ ସ୍ୱତନ୍ତ୍ର ପରମ୍ପରା ପାଳିତ ହୋଇଯାଇଛି। ସୁଲିଆ ପୂଜାର ମୁଖ୍ୟ ତଥା କଅଁର ସମ୍ପ୍ରଦାୟର ବଡ଼ଭାଇଙ୍କୁ ଚୟନ କରାଯାଇଛି। ପୂର୍ବରୁ ଏହି ଦାୟିତ୍ୱ ବିରଞ୍ଚି କୁଅଁର ନିର୍ବାହ କରୁଥିବା ବେଳେ ବର୍ତ୍ତମାନ ତାଙ୍କର ପୁଅ ନିରଞ୍ଜନ କୁଅଁରକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଆଜି ସକାଳେ କନ୍ଧ ସମ୍ପ୍ରଦାୟର ସ୍ୱତନ୍ତ୍ର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଦେବତା ବରଣ କରି କିଲୋ ପୂଜା କରିବା ସହିତ ନିରଞ୍ଜନଙ୍କୁ ସୁଲିଆ ପୂଜା ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ସୁଲିଆ ପୂଜାରେ ଦିଆଯାଉଥିବା ପ୍ରଥମ ବଳି ଏହି କଅଁରମାନେ ଦେଇଥାନ୍ତି ବୋଲି ସେମାନଙ୍କର ନିୟମ ରହିଛି। ଏହି କିଲୋ ପୂଜା ସମୟରେ ସୁଲିଆ ପୂଜା କମିଟି ତଥା ସମସ୍ତ ଗ୍ରାମବାସୀବୃନ୍ଦ ଉପସ୍ଥିତ ଥିଲେ।



## ଅବସରପ୍ରାପ୍ତ ଯବାନଙ୍କୁ ବରଗଡ଼ରେ ସ୍ୱାଗତ ସମ୍ବର୍ଦ୍ଧନା

**ବରଗଡ଼, ୨ା୧(ସମିସ):** ବରଗଡ଼ ସଦର ବ୍ଲକ ଖୁଣ୍ଟପାଲି ଗ୍ରାମର ଅବସରପ୍ରାପ୍ତ ଯବାନ ମଧୁସୂଦନ ମେହେରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦୀର୍ଘ ୧୭ ବର୍ଷ ଧରି ଦେଶମାତୃକାର ସେବା କରି ବରଗଡ଼ ଫେରିଥିବା ବେଳେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯବାନ ମଧୁସୂଦନ ମେହେର ୨୦୦୬ରେ ଭାରତୀୟ ସେନାରେ ଯୋଗଦେଇଥିବା ବେଳେ ପ୍ରଥମେ ଜମ୍ମୁ କଶ୍ମୀର ଏବଂ ପରେ ରାଞ୍ଚିରେ ଯୋଗଦେଇ ଅବସର ଗ୍ରହଣ କରିଥିଲେ। ଏନେଇ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବକୁ ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ ମେଘନାଦ ସାହୁ ସଂଯୋଜନା କରିଥିଲେ। ଡିଏସଏସଓ ତାହିର ହୁସେନ, ପ୍ରଧାନଶିକ୍ଷକ କିଶୋରଚନ୍ଦ୍ର ସାହୁ, ଅଭୟ ପ୍ରଧାନ, ଏଟିଭରସ୍ ହେଲପିଙ୍ଗ ଫାଉନଡେସନର ସଭାପତି ଦିବାକର ମାଝି, ସମାଜସେବୀ ପବିତ୍ର ଦେହେରି ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋରଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଖୁବ୍‌ଶୀଘ୍ର ଲୋକାର୍ପଣ ହେବ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ

**ବରଗଡ଼, ୨ା୧(ସମିସ):** ରାଜ୍ୟ ସରକାର କ୍ରୀଡାର ବିକାଶ ସହ ଖେଳାଳିଙ୍କ ପାଇଁ ବିଭିନ୍ନ ଯୋଜନାରେ ଆର୍ଥିକ ଅନୁଦାନ ଯୋଗାଇଦେବା ସହ ସେମାନଙ୍କୁ ନିଜର ଦକ୍ଷତା ପ୍ରତିପାଦନ ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେଉଛନ୍ତି। କ୍ରୀଡାବିତ୍‌ଙ୍କୁ ମଧ୍ୟ ଉନ୍ନତମାନର ଖେଳପଡିଆଠାରୁ ଆରମ୍ଭ କରି ଆବଶ୍ୟକ ସରଞ୍ଜାମ



ଯୋଗାଇ ଦେଉଛନ୍ତି। ଏହିକ୍ରମରେ ବରଗଡ଼ର ନିର୍ମାଣ ହୋଇଛି ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ। ଯାହାକି ଖୁବଶୀଘ୍ର ଲୋକାର୍ପଣ ହେବାକୁ ଥିବା ବେଳେ କ୍ରୀଡାପ୍ରେମୀ ମଧ୍ୟରେ ଏନେଇ ବେଶ୍ ଉତ୍ସାହ ଦେଖାଦେଇଛି।

ବରଗଡ଼ରେ ବହୁ ପ୍ରତୀକ୍ଷିତ ବିଜୁ ପଟ୍ଟନୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଖୁବ ଶୀଘ୍ର ଲୋକାର୍ପଣ ହେବ। ରାଣା ପ୍ରତାପ ସ୍କୁଲ ପଛପଟେ ନିର୍ମାଣ ହୋଇଥିବା ଏହି ଷ୍ଟାଡିୟମ ପାଇଁ ରାଜ୍ୟ ସରକାର ୯ କୋଟି ୮୧ ଲକ୍ଷ ଟଙ୍କା ଅନୁଦାନ ରାଶି ଯୋଗାଇଦେଇଥିବା ବେଳେ ବର୍ତ୍ତମାନ ଏହି ଷ୍ଟାଡିୟମର କାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଛି। ଖୁବ ଶୀଘ୍ର ଏହା ଖେଳାଳିଙ୍କ ପାଇଁ ଉତ୍ସର୍ଗୀକୃତ କରାଯିବ ବୋଲି ସୂଚନା ମିଳିଛି। ଏହି ଷ୍ଟାଡିୟମ ଦ୍ୱାରା ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଖେଳାଳିମାନେ ବେଶ୍ ଉପକୃତ ହୋଇପାରିବେ। ଏହି ଷ୍ଟାଡିୟମରେ ବ୍ୟାଡମିଣ୍ଟନଠାରୁ ଆରମ୍ଭ କରି ଭଲିବଲ, ବାସ୍କେଟବଲ, କ୍ୟାରେମ ଆଦି ଖେଳା ଯାଇପାରିବ। ଏହାଦ୍ୱାରା ଖେଳାଳିମାନେ ମଧ୍ୟ ଉପଯୁକ୍ତ ପ୍ରଶିକ୍ଷଣ ସୁବିଧା ପାଇପାରିବେ। ରାଜ୍ୟ ତଥା ଜାତୀୟସ୍ତରରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇ ପାରିବେ ବୋଲି ଜଣେ କ୍ରୀଡାବିତ୍ ପ୍ରକାଶ କରିଛନ୍ତି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉଦ୍ୟମକ୍ରମେ ଏହି ଷ୍ଟାଡିୟମ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେଇଥିବା ବେଳେ କ୍ରୀଡାପ୍ରେମୀ ତଥା ଜନସାଧାରଣ ରାଜ୍ୟ ସରକାର ଏବଂ ବିଧାୟକ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ପ୍ରଦୂଷିତ ହେଉଛି ମହାନଦୀ ଜଳ

**ସମ୍ବଲପୁର, ୨ା୧(ସମିସ)**

ଜୀବନ ରେଖା ମହାନଦୀ ଏବେ ବିପଦରେ। ଜଳ ସମସ୍ୟା ଯାହା ହେଉଛି ତାହଠାରୁ ଅଧିକ ପ୍ରଦୂଷିତ ହେବାକୁ ବସିଛି। ମହାନଦୀ ତଟ ସହିତ ପ୍ରବାହିତ ଜଳ। ପୂର୍ବରୁ ମହାନଦୀ ପାଣିକୁ ଲୋକମାନେ ସ୍ୱାଭାବିକ ଭାବେ ବ୍ୟବହାର କରୁଥିଲେ। ଏବେ ବ୍ୟବହାର ଅନୁପଯୋଗୀ ହୋଇଛି। ସମ୍ବଲପୁର ଦେଇ ଯାଇଥିବା ମହାନଦୀର ଜଳ ଏବେ ଜହର ପାଲଟିଛି। ମହାନୀଦର ଜଳ ବହୁ ମାତ୍ରାରେ ପ୍ରଦୂଷିତ ହୋଇଛି। ମହାନଦୀର ଜଳ ଉପରେ ମାଡ଼ିଯାଇଛି ଶିଉଳି ଅନାବନା ଗଛଲତା ହୋଇଯାଇଛି। ଏତେ ମାତ୍ରାରେ ପ୍ରଦୂଷିତ ହୋଇଛି ଯେ, ଜଳକୁ ସିଧାସଳଖ ବ୍ୟବହାର କରିହେବ ନାହିଁ। ଏହାକୁ 'ସି'କେଟାଗୋରୀ ୱାଟର କୁହାଯାଉଛି ବୋଲି ପରିବେଶବିତ୍ ମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମହାନଦୀର ପାଣିରେ ଏମିତି ଦୁରାବସ୍ଥା ପାଇଁ ସମ୍ବଲପୁର ମହାନଗର ନିଗମର ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି ବୁଦ୍ଧିଜୀବୀ। ମହାନଗର ନିଗମର ସବୁ ବର୍ଜ୍ୟବସ୍ତୁ ଓ ସହର ପ୍ରଦୂଷିତ ଜଳ ସିଧାସଳଖ ମହାନଦୀ ପାଣିରେ ମିଶୁଛି। ମିଶୁଥିବା ବେଳେ ପ୍ରଶାସନ ଏଥିପାଇଁ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବରେ ମହାନଦୀର ଜଳ ପ୍ରଦୂଷିତ ହେଉଛି। ତେଣୁ



ପାଇଖାନା ବର୍ଜ୍ୟବସ୍ତୁକୁ ମଧ୍ୟ କିଛି ଲୋକ ମହାନଦୀ କୂଳରେ ପକାଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମ ସବୁ ଦେଖି ଚୁପ୍। ସ୍ଥାନୀୟ କଳ କାରଖାନା ଗୁଡିକର ବର୍ଜ୍ୟବସ୍ତୁ ଓ ଦୂଷିତ ଜଳ ସିଧାସଳଖ ମହାନଦୀ ପାଣିରେ ମହାନଦୀ କୂଳରେ ଥିବା ସହରାଞ୍ଚଳ ଗୁଡିକ ଅଧିକ ଦାୟିତ୍ୱବାନ ହେବା ଉଚିତ ବୋଲି ପରିବେଶବିତମାନେ ମତ ରଖୁଛନ୍ତି। ସମ୍ବଲପୁର ସହରରେ ମହାନଦୀର ଜଳ ପ୍ରଦୂଷିତ ହେଲେ ସ୍ଥାନୀୟ ଲୋକ ଏହାଦ୍ୱାରା ବିଭିନ୍ନ ରୋଗର ଶିକାର ହେବାର ସମ୍ଭାବନା ଥିବା ବେଳେ ତଳ ମୁଣ୍ଡରେ ଥିବା ସହରର ଲୋକେ ମଧ୍ୟ ପ୍ରଭାବିତ ହେବାକୁ ଲାଗିଛନ୍ତି। ତେବେ ମହାନଦୀର ଏହି ପ୍ରଦୂଷଣ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ସହରର ବର୍ଜ୍ୟବସ୍ତୁ ଓ ଦୂଷିତ ଜଳ ପ୍ରବାହିତ ପାଇଁ ୪ଟି ନାଳ ଦ୍ୱାରା ମହାନଦୀରେ ମିଶୁଛି। ଅନ୍ୟପଟେ ମହାନଦୀର ଉପର ପଟେ ହୀରାକୁଦ ଡ୍ୟାମ ଥିବାବେଳେ ତଳପଟେ ଏକ ଆନିକଟ ରହିଛି। ଫଳରେ ମହାନଦୀରେ ପ୍ରବାହ ନଥିବା ବେଳେ ପ୍ରଦୂଷଣ ବହୁମାତ୍ରାରେ ବୃଦ୍ଧି ପାଉଛି। ଏଥିପାଇଁ ସମ୍ବଲପୁର ମହାନଦୀର ୪ଟି ସ୍ଥାନରୁ ପ୍ରତ୍ୟେକ ମାସ ନମୁନା ସଂଗ୍ରହ କରାଯାଇ ସେଣ୍ଟ୍ରାଲ ଲ୍ୟାବକୁ ପଠାଯାଉଛି। ଏହା ଉପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମିତ ନଜର ରଖୁଛି। ଏହାସହ ଏହି ସମସ୍ୟା ନେଇ ମହାନଗର ନିଗମକୁ ଚିଠି ମଧ୍ୟ କରାଯାଇଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ ସୂଚନା ଦେଇଛନ୍ତି।

